

ମଇ ୨୦୧୯
ମୂଲ୍ୟ : ୨୫ ଟଙ୍କା

RNI No. : ODIODI/2015/64435
P.R. No. : CK(C)/96/2016-2018
www.pracheevoice.in

ବାସ୍ତବତାର ପରିପ୍ରକାଶ

# ପ୍ରାଚୀ
# PRACHEE





**ମୁଖ୍ୟ ଉପଦେଷ୍ଟା**
**କବି ଜୟନ୍ତ ମହାପାତ୍ର**



***ପ୍ରାଚୀ ପତ୍ରିକାର ସମସ୍ତ ଲାଭାଂଶ ବିଶ୍ୱ କଲ୍ୟାଣରେ ଖର୍ଚ୍ଚ କରାଯିବ***

**ବାସ୍ତବତାର ପରିପ୍ରକାଶ**

# ପ୍ରାଚୀ



**ସମ୍ପାଦକ :**
**ଡ. ବିଭୁଦତ୍ତ ଖଣ୍ଡାୟତରାୟ**

**ଜୀ**ବନର ପରିଭାଷା ହେଉଛି ସାହିତ୍ୟ, ସୃଜନଶୀଳତା ଓ ବାସ୍ତବତା ନଥିଲେ ସାହିତ୍ୟ ବା ସଂସ୍କୃତି ଉତ୍କର୍ଷ ଲାଭ କରିପାରେନା । ସାହିତ୍ୟର କ୍ରମ ବିବର୍ତ୍ତନ ଅଛି । ଏହି ବିବର୍ତ୍ତନ ଜୀବନର ପରିବର୍ତ୍ତନ ସହିତ ସଂଶ୍ଳିଷ୍ଟ । ସାହିତ୍ୟକୁ ବୁଝିବାକୁ ହେଲେ ଆବଶ୍ୟକତା ପଡେ ପ୍ରୟାସର । ପ୍ରୟାସ ହେଉଛି ଜାଣିବାର ବୁଝିବାର ପ୍ରକୃଷ୍ଟ ମାଧ୍ୟମ । ସ୍ୱତଃସ୍ଫୁର୍ତ୍ତଭାବେ ମନଗହନରୁ ଭାସିଆସି ଲୋକମନକୁ ରଂଜିତ କରିପାରିଲେ ସାହିତ୍ୟ ସାର୍ଥକତା ପାଇଥାଏ । ସାହିତ୍ୟ ହେଉଛି ସମୁଦ୍ରପରି ଅପରିସୀମ ଓ ପରିବ୍ୟାପ୍ତ । ବିଭିନ୍ନ ରତ୍ନରେ ରତ୍ନଗର୍ଭା ମହାରଣ୍ୟ ପରି ସେ ଗଳ୍ପ, କବିତା, ନାଟକ, ପ୍ରବନ୍ଧ ରୂପକ ବୃକ୍ଷରାଜିରେ ପରିପୂର୍ଣ୍ଣ । ସ୍ରଷ୍ଟାର ଭାବ ଓ ଚେତନା ଉଭୟ ନିବିଡ ଭାବରେ ଛନ୍ଦାଛନ୍ଦି ହୋଇ ରହିଥାନ୍ତି । ଉଭୟ ଜଗତରୁ ଉପାଦାନ ସଂଗ୍ରହ କରାଯାଏ । ଯାହାକେବଳ ଭୌତିକ ଜଗତରୁ ସଂଗ୍ରହ କରାଯାଇ ପାରେନା । ତା'ର ସୃଷ୍ଟି ସମୁଦ୍ରର ଢେଉଭଳି ଶତଛନ୍ଦ ଭରା ଜହ୍ନୁଆ ଆକାଶ ଭଳି ସ୍ନିଗ୍ଧ ଓ ପ୍ରାଞ୍ଜଳ । ଛାଇ ଯେପରି ବସ୍ତୁର ସ୍ଥିତିକୁ ସୂଚାଇ ଦିଏ, ସ୍ରଷ୍ଟାର ସୃଷ୍ଟି ସୂଚାଇ ଦିଏ ସମାଜର ବ୍ୟକ୍ତିର ମନ ଆଉ ଭାବନାର ସ୍ଥିତିକୁ । କେହି କେବେ ଜନ୍ମରୁ ସ୍ରଷ୍ଟା ହୋଇନଥାଏ । ସାଧନା ଓ ପ୍ରୟାସର ମହାମିଳନରେ ଜଣେ ସ୍ରଷ୍ଟା ସଫଳରୂପାୟିତ ହୋଇଥାଏ । ସୃଜନଶୀଳତାର ଦ୍ୱିତଳ ପ୍ରାସାଦରେ ନିଜକୁ ହଜାଇ ସ୍ରଷ୍ଟା ସମାଜକୁ, ଦେଇଥାଏ ନୂତନ ସାହିତ୍ୟ, ଜୀବନର ସତ୍ୟ ଓ ବାସ୍ତବତାକୁ ସାହିତ୍ୟ କେବଳ ପ୍ରକାଶ କରେ ନାହିଁ, ଅଧିକନ୍ତୁ ଜୀବନକୁ ସତ୍ୟାଶ୍ରୟୀ ଓ ବାସ୍ତବ ବାଦୀ ହେବାକୁ ଶିକ୍ଷାଦିଏ ।

ମଣିଷର ହୃଦୟ ପ୍ରେମର ହୃଦୟ । ଯେତେବେଳେ ମାନବର ପ୍ରାଣସିନ୍ଧୁରେ ସୃଷ୍ଟିହୁଏ ସେବାର କଲ୍ଲୋଳ, ସେତେବେଳେ ମାନବର ହୃଦୟ ହୋଇଯାଏ ପ୍ରସାରିତ । ବିଶ୍ୱପ୍ରେମର ମନ୍ତ୍ରରେ ସେ ହୋଇଯାଏ ଅଭିମନ୍ତ୍ରିତ । ଭୁଲିଯାଏ ନିଜ ଜୀବନର ମାୟା ଓ ମମତା । ଦୀନ, ଦୁଃଖୀ, ରଙ୍କୀ, ଦଳିତ ନିଷ୍ପେସିତ ଆର୍ତ୍ତଚିତ୍କାର ତା'ର ବ୍ୟଥାବିଦ୍ଧ ପ୍ରାଣରେ ସୃଷ୍ଟିକରେ ସେବାର କଲ୍ଲୋଳ । ମାନବ ହେଉଛି ଭଗବାନଙ୍କର ଅମୂଲ୍ୟ ସୃଷ୍ଟି । ପ୍ରକୃତିକୁ ଉପଭୋଗ କରିବାକୁ ସ୍ରଷ୍ଟା ସୃଷ୍ଟି କଲେ ମାନବ । ମାତ୍ର ନିଜର ସୁଖ ସୁବିଧା ନିମିତ୍ତ ମାନବ ପ୍ରକୃତିକୁ ଧ୍ୱସ୍ତବିଧ୍ୱସ୍ତ କଲା । ପ୍ରକୃତି ଏବେ ବିନାଶର ଦ୍ୱାରରେ । ଏହି ମାନବ ଓ ପ୍ରକୃତିର ରକ୍ଷା ନିମିତ୍ତ ଆମର ସଂସ୍ଥା ସଂକଳ୍ପ ବଦ୍ଧ ।

ଅନନ୍ତ ସମୟର ଉତ୍‌ଥାନ ପତନ ସହ ଜଡିତ ଆମ ପତ୍ରିକା **'ପ୍ରାଚୀ'** ର ପଞ୍ଚମ ବର୍ଷର ଦ୍ୱିତୀୟ ଅର୍ଘ୍ୟ ପ୍ରକାଶ ପାଇବାକୁ ଯାଉଛି । ପ୍ରାଚୀର ଅର୍ଥ ପୂର୍ବଦିଗ । ପୂର୍ବଦିଗର ଉଦିତ ସୂର୍ଯ୍ୟ ପରି **'ପ୍ରାଚୀ'** ଓଡ଼ିଆ ଭାଷା ସାହିତ୍ୟ ଆକାଶରେ ସୂର୍ଯ୍ୟ ରୂପେ ପ୍ରତିଭାତ ହେଉ ଏହାହିଁ ଆଶା ।

ନିଜର ବଳିଷ୍ଠ ଲେଖନୀ ମାଧ୍ୟମରେ ଓଡ଼ିଶାର ବାଣୀଭଣ୍ଡାର ବୀଣାକୁ ଝଂକୃତ କରିଥିବା କିଛି ସ୍ରଷ୍ଟାଙ୍କ ବୁଦ୍ଧିମନ୍ତ ସୃଷ୍ଟିକୁ ନେଇ **'ପ୍ରାଚୀ'**ର ଜନ୍ମ, ବାଗ୍ ଭୂଷଣରେ ଭୂଷିତ ଏହି ଶବ୍ଦ ସମ୍ରାଟମାନେ ଏକ ନୂତନ ଯୁଗର ଆହ୍ୱାନରେ ଶବ୍ଦ ଶଙ୍ଖର ଧ୍ୱନି ନାଦ କରିଛନ୍ତି ।

ସମଗ୍ର ଓଡ଼ିଶାବାସୀ ଭାଇ ଓ ଭଉଣୀମାନଙ୍କର ଶୁଭେଚ୍ଛା ଓ ଶୁଭକାମନାକୁ ନେଇ **'ପ୍ରାଚୀ'** ସାରା ଓଡ଼ିଶାରେ ପାଠକୀୟ ଆଦୃତି ଲାଭକରିବ ବୋଲି ଆଶା ।

**ସଂପାଦକ**

## ଓ 'ପ୍ରାଚୀ'ର କଲମ ୫୦

ପ୍ରାଚୀ ଏକ ସଂସ୍କୃତି ଓ ସଂସ୍କାର । ଏହା ଏକ ପ୍ରବାହ ଓ ପରିବର୍ତ୍ତନର ମୂଳ ଉତ୍ସ । ପ୍ରାଚୀ ସମାଜର ଭାବବିନ୍ଦୁ । ଏହା ଏକ ଅନ୍ତଃସ୍ରୋତା ଫଲଗୁ । ପ୍ରାଚୀ ସୃଷ୍ଟିର ଜୀବନୀ ଶକ୍ତିକୁ ଯୁଗେ ଯୁଗେ ସଞ୍ଜୀବିତ କରିଆସିଛି । ଏହା ଜନନୀ ରୂପେ କଲ୍ୟାଣମୟୀ, ମମତାମୟୀ ପୁଣି କରୁଣା , ଆଶୀର୍ବାଦ, ତ୍ୟାଗର କଲ୍ୟାଣମୟ ଅଭିବ୍ୟକ୍ତି । ପ୍ରାଚୀ ଏକ ସୁନ୍ଦର, କୋମଳ, ସରଳ, ପବିତ୍ର, ଶାନ୍ତ, ଧୀର, ସ୍ଥିର, ଭଦ୍ର, ନମ୍ର ଓ ଚିତ୍ତଆହ୍ଲାଦଦାୟୀ ନାମଟିଏ । ଏହା ଏକ ଚିନ୍ମୟ ସତ୍ତା । ଏହା ପ୍ରାଚ୍ୟ ସଂସ୍କୃତିର ଅତିହ୍ୟ ବିମଣ୍ଡିତ ବାଙ୍ମୟ । ଏହା ଜୀବନ୍ତ ଓ ଜୀବନଦାୟୀ ଜୀବନବୋଧ । ପ୍ରାଚୀର ପରମ ଓ ଚରମ ସାର୍ଥକତା ହେଉଛି ଆଦର୍ଶ ଓ ସମାଜର କଲ୍ୟାଣ ସାଧନ । ପ୍ରାଚୀର ଏକ ଲୋଭନୀୟ, କମନୀୟ ଓ ମଧୁର ରୂପ ପ୍ରକଟିତ ହୁଏ ତା'ର ସ୍ୱର୍ଗୀୟ ପ୍ରେମରେ । ତା'ର ପ୍ରେମ ଓ ମମତାରେ ସାମାଜିକ ଜୀବନ ଭଗବତ୍ ଆଶୀର୍ବାଦ ଯୁକ୍ତ । ସେ ପୁଣି ସ୍ନେହମୟୀ ଓ ସମାଜର ହୃତ୍‌ପିଣ୍ଡ । ଆମ ସମାଜ ଓ ସଭ୍ୟତାର ଆଦ୍ୟ ଉନ୍ମେଷ କାଳରୁ ପ୍ରାଚୀର ରହିଛି ଗୁରୁତ୍ୱପୂର୍ଣ୍ଣ ଭୂମିକା । ସମାଜରୁ କୁସଂସ୍କାରକୁ ଦୂରକରି ସମାଜର କଲ୍ୟାଣ କରିବା ପ୍ରାଚୀର ଧର୍ମ । ତେଣୁ 'ପ୍ରାଚୀ' ର ସୃଷ୍ଟି ସମାଜରେ ଅବହେଳିତମାନଙ୍କ ପାଇଁ ସ୍ୱର ଉତ୍ତଳନ କରିବା । ପ୍ରାଚୀ ପତ୍ରିକାଟି କଥା କହିପାରୁନଥିବା ମାନବ ଓ ମାନବୋତରମାନଙ୍କ ପାଇଁ ଏକ ଆଶାର କିରଣ ସୃଷ୍ଟି କରିବ, ଏଥିରେ ସନ୍ଦେହ ନାହିଁ । ବାସ୍ତବତାକୁ ଗଳ୍ପ ଆକାରରେ ପରିପ୍ରକାଶ କରିବା ଆମର ମୂଳ ଲକ୍ଷ୍ୟ । ଗୋଟିଏ ବାସ୍ତବ ଚରିତ୍ରର ହୃଦୟ ଆବେଗକୁ ନେଇ ସମାଜରେ ସଚେତନତା ସୃଷ୍ଟି କରି ସମାଜକୁ ସୁସ୍ଥ, ସବଳ କରିବାର ଲକ୍ଷ୍ୟନେଇ ପ୍ରାଚୀ ଆଗେଇ ଚାଲିଛି । ପ୍ରାଚୀର ଆତ୍ମାରେ ୧ ୨ଟି ସମ୍ବେଦନଶୀଳ ହୃଦୟୋଚ୍ଛ୍ୱାସ ରହିଛି ।

- ମୁଁ ଗାଁ ମୁଣ୍ଡ ବୁଢ଼ା ବରଗଛ କହୁଛି । ମୁଁ ଜନ୍ମରୁ ମଣିଷର ସେବାରେ ଅଛି । କିନ୍ତୁ ଆଜି ମନୁଷ୍ୟ ତା'ର ସୁବିଧା ପାଇଁ ମୋ ବାର୍ଦ୍ଧକ୍ୟରେ ମୋ ସାଙ୍ଗରେ ନରହି, ମତେ କାଟି ତାର ଗର୍ବକୁ ଚରିତାର୍ଥ କରୁଛି । ........
- ମୁଁ ଲତାଟିଏ ହେଲେ ବି, ମୋ ପତ୍ରରେ ଥିବା ଗୁଣରେ ଅନେକ ଉପକୃତ ହୋଇଥାନ୍ତି ଏବଂ ମୋ ଫଳକୁ ଖାଦ୍ୟ ରୂପେ ବ୍ୟବହାର କରାଯାଏ କିନ୍ତୁ ଆଜି ମୁଁ ଅବହେଳିତ କାରଣ, ମତେ ବଞ୍ଚିରହିବା ପାଇଁ .........
- ମୁଁ ମହାନଦୀ, ମୋ ବକ୍ଷରେ ଅନେକ ପରିମାଣରେ ଜଳ ଅଛି । ସୃଷ୍ଟିର ଆରମ୍ଭରେ ଜଳର ଆବଶ୍ୟକତା ରହି ଆସିଛି । ମୋ ଜଳରେ ସଂସାରର ଆରମ୍ଭ ହେଇଥାଏ କିନ୍ତୁ ସେ ଜଳକୁ ବିଷାକ୍ତ କରି .........
- ମୁଁ ମଳୟ ପବନ କହୁଛି । ସକାଳୁ ସକାଳୁ ମୋର ପ୍ରବାହରେ ପୃଥିବୀ ଉପରେ ଶାନ୍ତି ପ୍ରତିଷ୍ଠା ହେଇଥାଏ ।
  କିନ୍ତୁ ପ୍ରଦୂଷଣ ଆଜି ମତେ ..........
- ମୁଁ ବୁଢ଼ା ବଳଦ କହୁଛି, ଆମ ପରିବାରର ପୀଢ଼ି ପରେ ପୀଢ଼ି ମଣିଷ ସେବାରେ ଲାଗିଥାନ୍ତି । ମୋ ପରି ଅନେକ ଜୀବଜନ୍ତୁ ଏହି ଦୁନିଆରେ ଅଛନ୍ତି । ସେମାନେ ପ୍ରକୃତିରେ ସ୍ଥିରତା ରକ୍ଷା କରିଥାନ୍ତି କିନ୍ତୁ ଦିନକୁ ଦିନ ବହୁତ ଜୀବ ପ୍ରାୟ ବିଲୁପ୍ତ, ବୁଝି ପାରେନା.......
- ମୁଁ ଗୋଟିଏ ଟିକି ଚଢ଼େଇ, ସକାଳୁ, ସକାଳୁ ମୋ ଚେଁ ଚେଁ ଶବ୍ଦରେ ପ୍ରକୃତି ମାତା ଆଖି ଖୋଲିଥାଏ । ଆଜି ପରିବେଶ ପ୍ରଦୂଷଣ ପାଇଁ ଆମ ଜାତିର ଅନେକ ପକ୍ଷୀ ପ୍ରାୟ ବିଲୁପ୍ତ, ଏଥିପାଇଁ ଦାୟୀ କିଏ ? ମୋ ଛୋଟ ମୁଣ୍ଡରେ ଏହାର କଳନା କରିପାରେନା ...... ....
- ମୁଁ ମନି ପୋଇଲି । ମୁଁ ଗୋଟିଏ ମଣିଷ, ମୋର ଗୋଟିଏ ନାଁ ଅଛି କିନ୍ତୁ, ମୋ ନାଁ ପରେ ମୋ ସାଙ୍ଗିଆ ପୋଇଲି ଡକା ହୁଏ । ପେଟ ପାଇଁ କାମକରେ କିନ୍ତୁ ବୁଝି ପାରେନା, ଏତେ କାମ କରିସାରିଲା ପରେ ମଧ୍ୟ ମୋ ଉପରେ ଅତ୍ୟାଚାର ହୁଏ କାହିଁକି ...........
- ମୋ ନାମ ମକରା ପାଗଳ । 'ପାଗଳ' ଶବ୍ଦଟି ମୋର ପିତୃଦତ୍ତ ନୁହେଁ, ସମାଜ ମତେ କାହିଁକି କେଜାଣି ଏହି ପାଗଳ ଶବ୍ଦଟି ଲଦି ଦେଇ ମତେ ଅଣନିଃଶ୍ୱାସୀ କରିଦେଉଛି । ମୁଁ ଜାଣେନା .........
- ମୁଁ ଛୋଟା ହେଲେ ମଧ୍ୟ ମୁଁ ତ ମୋର ସବୁକାମ ଠିକ୍ ଠିକ୍ କରୁଛି । ତା ହେଲେ, ମତେ ସମାଜର ଗୋଡ଼ଥିବା ଲୋକମାନେ କାହିଁକି ନ୍ୟୁନ ଦୃଷ୍ଟିରେ ଦେଖନ୍ତି, ଏହାର କାରଣ କ'ଣ ହୋଇ ........
- ବିଧାତାର ବିଧାନ ସ୍ୱାମୀ ଚାଲିଗଲା, ମୁଁ ବିଧବା ହେଲି, ଏଥିପାଇଁ ମୁଁ ହେଲି ଦାୟୀ, ସମାଜରେ ମୁଁ ଡାହାଣୀ, ଘରେ ବାହାରେ ଖାଲି ଛି, ଛି, ଆଉ କେତେ ଦିନ ........
- ମୁଁ ପରା ଚୁଙ୍ଗ, ଆମ ବାବୁଘରେ ସମସ୍ତଙ୍କର ଆପଣାର, ଟିକେ ଭୁଲ୍ କଲେ , କଥା ବଡ ହୁଏ । ଛୋଟ ଠାରୁ ବଡ଼ ପର୍ଯ୍ୟନ୍ତ ସମସ୍ତେ ପଚାରନ୍ତି ଏବଂ କୈଫତ୍ ମାଗନ୍ତି, ଟିକେ ଭୁଲ ପାଇଁ ଏତେ କଥା ........
- ମୁଁ ଦିନହୀନ ଗୋବିନ୍ଦ, ମୋର ଦାଣ୍ଡରୁ ଆଣିଲେ ହାଣ୍ଡିରେ ପଡ଼େ । ମାଗିବା ବ୍ୟତୀତ ମୋର ଅନ୍ୟଉପାୟ ନାହିଁ । ଘରେ ପୁଣି ରୋଗିଣା ମା', ଅନ୍ୟଲୋକଙ୍କର ବଳକା ଖାଇ ଖାଇ ମୋ ପେଟ ଚାଖଣ୍ଡଟା ପୁରଣ କରିଥାଏ । ସେଥିପାଇଁ ମତେ ସମସ୍ତେ ହାଁଉଆ ବୋଲି ଡାକି ଥାନ୍ତି । ଭାରି ଇଛା ହୁଏ ପେଟଭରି ଖିରି, ଆରିଶା ଖାଇବା ପାଇଁ ଅପେକ୍ଷାକରେ ସମୟକୁ, ସମୟ ଆସିବ ......

বাস্তবতার পরিপ্রকাশ

**ପ୍ରାଚୀ**

Vol.-5, April 2019, Issue No. II
RNI No. : ODIODI/2015/64435
P.R. No. : CK(C)/96/2016-2018



ପ୍ରାଚୀ ପରିବାର :
ଉପଦେଷ୍ଟା :
**କୃଷ୍ଣ ପ୍ରସାଦ ଦାସ**
ସମ୍ପାଦକ :
**ଡ. ବିଭୁଦତ୍ତ ଖଣ୍ଡାୟତରାୟ**
ସମ୍ପାଦନା ସହଯୋଗୀ :
**ପ୍ରାଚୀ ପ୍ରଯୁକ୍ତା**
ସହ ସମ୍ପାଦକ :
**ଡ. ନିରୋଦ କୁମାର ମନ୍ତ୍ରୀ**
**ବନଲତା ସିଂହ**
**ଡକ୍ଟର ବିଦ୍ୟୁତ୍‌ପ୍ରଭା ମିଶ୍ର**
ପରିଚାଳନା ସମ୍ପାଦିକା :
**ପ୍ରଜ୍ଞା ପରିମିତା**
ଉପସ୍ଥାପନା :
**ମମତା ଖଣ୍ଡାୟତରାୟ**
ଡିଟିପି :
**ମନୋଜ କୁମାର ଦାସ**
ପ୍ରଚ୍ଛଦ ଓ ଅକ୍ଷରସଜ୍ଜା :
**ବିଭୁପ୍ରସାଦ ନାୟକ**
ଅଳଙ୍କରଣ :
**ବିଜୟ କୁମାର ସାହୁ**
ବିଜ୍ଞାପନ ଅଧିକାରୀ :
**ରାମଚନ୍ଦ୍ର ବିଶ୍ୱାଳ**
ବିତରଣ ଅଧିକାରୀ :
**ପ୍ରଦୀପ୍ତ କୁମାର ପାଢ଼ୀ**
ମୁଦ୍ରଣ :
**ଲକ୍ଷ୍ମୀ ଅଫ୍‌ସେଟ୍ ପ୍ରେସ୍**
ନୂଆବଜାର, କଟକ - ୪

**ପ୍ରାଚୀ ସାହିତ୍ୟ ସମାଜ**
ସଭାପତି :
**ଡ. ଆର୍ଯ୍ୟ କୁମାର ହର୍ଷବର୍ଦ୍ଧନ**

ପ୍ରାଚୀ ସାହିତ୍ୟ ସମାଜର ସଭ୍ୟ ହେବା ପାଇଁ
www.pracheevoice.in ରେ
ଲଗ୍‌ଇନ୍ କରନ୍ତୁ ।



**Declaration**
**Edited, Published & Owned by :**
**Dr. Bibhudatta Khandayatray**



Niladri Vihar, Cuttack - 4
E-mail :
pracheepatrika@rediffmail.com
Web Site :
www.pracheevoice.in


# ଏଇ ସଂଖ୍ୟାରେ...


**ପ୍ରତୀକ୍ଷା**
ଡ. ବିଭୁଦତ୍ତ ଖଣ୍ଡାୟତରାୟ ୦୭

**କଳଙ୍କ**
ଡଃ. ଦୀପକ କୁମାର ଦାଶ ୦୯

**ପ୍ରତାରଣା**
ଗୋପାଳ ଚନ୍ଦ୍ର ଦୋବାଇ ୧୧

**ଗାଁ ମୁଣ୍ଡ ବରଗଛ, ପାଳଭୂତ ଓ ଅଫେରା ଅତୀତ**
ନଳିନୀପ୍ରଭା ମିଶ୍ର ୧୪

**ନିରାଶ୍ରୟ ମାଂ ଜଗଦୀଶ ରକ୍ଷ**
ବିପଦ ଭଞ୍ଜନ ମିଶ୍ର ୧୭

**ଭଙ୍ଗାମନ**
ସୁଭାଷ ଚନ୍ଦ୍ର ଦାଶ ୧୯

**କଞ୍ଚା ଡାହାଣୀ**
ଧନେଶ୍ୱର ବେହେରା ୨୩

**କୁଳାଙ୍ଗାର**
ଡଃ. ନିରୋଦ କୁମାର ମନ୍ତ୍ରୀ ୨୬

**ତୃତୀୟ ପୁରୁଷ**
ଡଃ. ଓଁକାର ରାଉତ ୨୯

**ଉଆଁସୀ କନ୍ୟା**
ମହେନ୍ଦ୍ର ବିଶ୍ୱାଳ ୩୨

**PRACHEE MONTHLY ADVT. TARIFF**

**Back Cover (Colour)**
Rs. 20,000/-

**2nd Inner Cover (Colour)**
Rs. 10,000/-

**3rd Inner Cover (Colour)**
Rs. 10,000/-

**Ordinary Colour Page**
Rs. 5000/-

**Black & White (News Print)**
Full Page : Rs. 3,000/-
Half Page : Rs. 1500/-
Quarter page:Rs. 500/-

***For Space booking please contact The Advertising Manager***
Niladri Vihar, Naya Bazar, Cuttack - 4
Mobile / Whatsapp : 8895707011


# ପ୍ରାଚୀର ନିୟମାବଳୀ

- **"ପ୍ରାଚୀ"** ଏକ ମାସିକ ଗଳ୍ପ ପତ୍ରିକା । ଏହି ପତ୍ରିକାରେ ବାସ୍ତବ ଚରିତ୍ରକୁ ନେଇ ଗଳ୍ପ ମାଧ୍ୟମରେ ପରିପ୍ରକାଶ କରାଯାଇଥାଏ । ସମାଜର ଦଳିତ ଓ ଅବହେଳିତମାନଙ୍କ ପାଇଁ ସ୍ୱର ଉଠେଇବା ଏହି ପତ୍ରିକାଟିର ଲକ୍ଷ୍ୟ । ଏହି ପତ୍ରିକାଟିରେ କେବଳ ମାତ୍ର ଗଳ୍ପ ପ୍ରକାଶ କରାଯାଇଥାଏ।
- ପ୍ରାଚୀ ନୂତନ ଲେଖକ ଲେଖିକାମାନଙ୍କୁ ଅଗ୍ରାଧୀକାର ଦେଇଥାଏ । ଲେଖାରେ ଯଦି ସମାଜ ପ୍ରତି କୌଣସି ବାର୍ତ୍ତାଥାଏ ତାହା ଏଥିରେ ପ୍ରକାଶ ପାଇବ । ଲେଖକଲେଖିକାମାନେ 'ପ୍ରାଚୀ'ରେ ପ୍ରକାଶ ପାଇଁ ସେମାନଙ୍କ ହାତଲେଖା ବା କମ୍ପ୍ୟୁଟର ପ୍ରସ୍ତୁତ ପାଣ୍ଡୁଲିପି ପଠାଇବେ ।
- ଲେଖାଟି କୌଣସି ଆକ୍ଷେପ ମୂଳକ ଏବଂ ଉଦ୍ଦେଶ୍ୟ ପ୍ରଣୋଦିତ ନହେବା ଆବଶ୍ୟକ । ଲେଖାଟି ପ୍ରକାଶ କରିବା ସମ୍ପାଦନା ମଣ୍ଡଳୀ ଉପରେ ନିର୍ଭର କରିଥାଏ । ଲେଖାଟି ପ୍ରକାଶ ପାଇବା ପରେ ଡାକ ଯୋଗେ ଲେଖକ ଲେଖିକାଙ୍କୁ ଜଣାଇ ଦିଆଯିବ ।
- ପ୍ରାଚୀକୁ ପଠାଇଥିବା ଲେଖାଗୁଡିକୁ ଫେରାଇବାର କୌଣସି ସୁବିଧା ନାହିଁ । ତେଣୁ ଲେଖକ ଲେଖିକାମାନେ ନିଜର ପାଖରେ ନିଜ ପାଣ୍ଡୁଲିପିର ନକଲଟିଏ ରଖିବା ଆବଶ୍ୟକ । ଲେଖକ ଲେଖିକାମାନେ ନିଜ ଲେଖା ସହ ଗୋଟିଏ ରଙ୍ଗିନ୍ ପାସ୍‌ପୋର୍ଟ ଫଟୋ ପଠାଇବାକୁ ଅନୁରୋଧ ଏବଂ ଏକମାସ ପୂର୍ବରୁ ଲେଖାଟି ପହଞ୍ଚିବା ଜରୁରୀ । ଏହି ପତ୍ରିକାଟି ସମାଜର ନିସ୍ପେଷିତ ଚରିତ୍ରମାନଙ୍କର କାହାଣୀକୁ ନେଇ ଗଢ଼ିଉଠୁଥିବାରୁ ଆପଣଙ୍କ ଲେଖାଟି ସେମାନଙ୍କ ପାଇଁ ଉତ୍ସର୍ଗୀକୃତ କରାନ୍ତୁ ।
- କୌଣସି ଲେଖା ସମ୍ପର୍କରେ ଅନୁସନ୍ଧାନ ଡାକ ଯୋଗେ ଯୋଗାଯୋଗ କରାଯିବ । ପ୍ରାଚୀ ପାଇଁ ପଠାଉଥିବା ଲେଖା ଗୁଡିକ ଏଇ ଠିକଣାରେ ପଠାଇବେ, ସମ୍ପାଦକ, ପ୍ରାଚୀ, ନିଳାଦ୍ରୀ ବିହାର, ନୂଆବଜାର, କଟକ, ଓଡ଼ିଶା, ପିନ୍ - ୭୫୩୦୦୪ କିମ୍ବା ପାଠକପାଠିକା ମାନେ pracheepatrika@rediffmail.com **ଯୋଗେ ସମ୍ପର୍କ ସ୍ଥାପନ କରିପାରିବେ ।**

**ଆପଣ "ପ୍ରାଚୀ" ପତ୍ରିକାର ବାର୍ଷିକ ଗ୍ରାହକ ହେବାକୁ ଚାହୁଁଛନ୍ତି !!!**

**କୁପନ୍‌ଟିକୁ କାଟି ଆମ୍ଭ ନିକଟକୁ ପଠାନ୍ତୁ**

ଶ୍ରୀମତୀ/ଶ୍ରୀ ..............................................................................................

ଠିକଣା .................................................... ପିନ୍‌କୋର୍ଡ଼ ..............................

ମୋବାଇଲ୍ ନମ୍ବର ...................................... ଇ-ମେଲ୍ .......................................

**ଏଥିସହିତ ମୁଁ ୨୫୦ଟଙ୍କା ପଠାଉଛି । (ବ୍ୟାଙ୍କ୍ ଡ୍ରାଫ୍ଟ)**

ଚେକ୍ ନମ୍ବର................................................ ତାରିଖ.......................................

ବ୍ୟାଙ୍କ୍........................................ ସ୍ଥାନ...................................................

ତାରିଖ........................................ ଦସ୍ତଖତ..................................................

**ବାସ୍ତବତାର ପରିପ୍ରକାଶ "ପ୍ରାଚୀ"**

ନିଳାଦ୍ରୀ ବିହାର, ନୂଆ ବଜାର, କଟକ-୪, ମୋବାଇଲ୍/ ହ୍ୱାଟ୍‌ସ୍‌ଆପ୍ ନଂ : ୮୮୯୫୭୦୭୦୧୧

E-mail : pracheepatrika@rediffmail.com, Web. : www.pracheevoice.in

# ପ୍ରତୀକ୍ଷା

ଡ. ବିଭୁଦତ୍ତ ଖଣ୍ଡାୟତରାୟ

ଜୀବନଟା ଯେତେ ସରଳ ଓ ସୁନ୍ଦର ଦେଖାଯାଏ ତାହା ବାସ୍ତବରେ ଠିକ୍ ନୁହେଁ । ଜୀବନର ବାସ୍ତବତା ବଡ଼ ନିଷ୍ଠୁର ଓ ନିର୍ଦ୍ଦୟ । ସରଳଭାବେ କହିବାକୁ ଗଲେ ଜୀବନ ରାସ୍ତାରେ ଦୌଡ଼ିବା ବହୁତ କଷ୍ଟ ସାଧ ର ଯାହାକୁ ବୋଧହୁଏ ଖୁବ୍ ପାଖରୁ ଓ ଅତି ନିକଟରୁ ଅନୁଭବ କରିଥିଲା ରତିକାନ୍ତ । କେଉଁ ଏକ ଅଜଣା ଗ୍ରାମ କମରପଦାରେ ହୋଇଥିଲା ରତିକାନ୍ତର ଜନ୍ମ । ଜନ୍ମରୁ ଅଭାବ ଅନାଟନରେ ବଞ୍ଚି ମଧ ଜୀବନ ରୂପକ ରାସ୍ତାରୁ ସେ କେବେହେଲେ ଓହରି ଯାଇନି । ଦୀପତଳ ଅନ୍ଧାର ପରି ନିଜ ଚତୁଃପାର୍ଶ୍ୱରେ ଅନେକ ପ୍ରାଚୁର୍ଯ୍ୟ ଥାଇ ମଧ ତାକୁ ବହୁ କଷ୍ଟ ସହ୍ୟକରି ବଞ୍ଚିବାକୁ ପଡେ । ସେ ଯାହା ହେଉନା କାହିଁକି ଅଳ୍ପ ବହୁତେ ତା' ଜୀବନର ଗାଡ଼ି ଗଡ଼ିଚାଲେ ।

ପାଠପଢ଼ା ସାରି ସହରକୁ ମନ ବଳାଏ ରତିକାନ୍ତ । କାରଣ ପରିବାରର ଭରଣପୋଷଣର ଦାୟିତ୍ୱ ଥିଲା ତା' ଉପରେ । ଯେଉଁ ଲକ୍ଷ୍ୟ ନେଇ ସିଏ ଏ ସହରକୁ ଆସେ । ସହର ଭିତରେ ବେଳେ ବେଳେ ରତିକାନ୍ତ ହଜିଯାଏ, କିନ୍ତୁ ଦାରିଦ୍ର୍ୟର ଶକ୍ତ ଧକ୍କା ତା'କୁ ପୁଣି ନେଇଆସେ ତା' ବାସ୍ତବ ଦୁନିଆକୁ । ଯେଉଁଠାରେ ପେଟକୁ ମୁଠାଏ ଦାନା ନଥାଏ କି ଦେହକୁ ଖଣ୍ଡେ କନା ନଥାଏ । କିନ୍ତୁ ସ୍ୱପ୍ନାଭିଳାସୀ ରତିକାନ୍ତ ସ୍ୱପ୍ନ ଦେଖିବା ବନ୍ଦ କରେନି । କିଛି ଫଳ ପାଉ କି ନପାଉ ସେ ସ୍ୱପ୍ନ ଭିତରେ ହଜି ଯାଇ, ତା'ପଛରେ ଧାଇଁବା ରତିକାନ୍ତର ଗୋଟଏ ନିତିଦିନିଆ ଅଭ୍ୟାସ । ସହରରେ ଭେଟହୁଏ ଅନୁପମା । ଦିନକୁ ଦିନ ଅନୁପମା ସଙ୍ଗରେ ତା'ର ନିବିଡ଼ତା ବଢ଼ିଚାଲେ । ମନେ ମନେ ସେ ଅନୁପମାକୁ ଭଲପାଇବସେ । ଅନେକଥର ଭାବିଛି ଅନୁପମାକୁ କହିଦେବା ପାଇଁ କିନ୍ତୁ ତା' ବିବେକ ତା'କୁ ବାଧାଦିଏ । ଭାବେ ନାଁ ଥାଉ କହିବିନି । ମୋତେ ନେଇ ଯଦିସିଏ ସେଇ ସ୍ୱପ୍ନ ଦେଖୁନଥିବ ଯେମିତି ମୁଁ ତାକୁ ନେଇ ଦେଖୁଛି । ହେଲେ କାହିଁକି ଦେଖୁଛି ? କାହିଁକି ? କ'ଣ ଦେଇଛି ମୁଁ ତାକୁ ? ଆଗକୁ ଦେବି କି ନାଇଁ ସେଇଟା ବି ମୋ ପକ୍ଷେ ଅସମ୍ଭବ ବୋଲି ନିଶ୍ଚୟ ଭାବିଥିବ ଅନୁପମା । ମୁଁ କ'ଣ କରିବି ଯେ ? ବହୁତ ଥରତ ଚେଷ୍ଟା କରିଛି ଯେ ଦାରିଦ୍ର୍ୟର କଷାଘାତରୁ ମୁକ୍ତହେବା ପାଇଁ । ହେଲେ ମୁଁ କ'ଣ ପାରିଛି ? ପାରିନି । ପାରିଥିଲେ କ'ଣ ସେଦିନ ମୋ ଅନୁପମା ବଜାରରେ ଦେଖିଥିବା ସେ ନାଲିଫୁଲ ପକା ଶାଢ଼ୀଟା କିଣି ପାରିନଥାନ୍ତି । ବାସ୍ ଏହାପରେ ରତିକାନ୍ତ ନିଜକୁ କ୍ଳାନ୍ତ ଅନୁଭବ କରେ, ଥକି ପଡେ । ଜୀବନର ଏହି କରୁଣ ଚିତ୍ର ସ୍ୱପ୍ନରେ ସମୟ ଗାଡ଼ି ଗଡିଚାଲେ ଅତ୍ୟନ୍ତ ନିଶ୍ଚିହ୍ନ ଓ ସରଳ ଭାବେ ।

ଦିନେ କୌଣସି କାରଣରୁ ସକାଳ ପ୍ରହରରୁ ରତିକାନ୍ତର ଅନୁପମା ସଙ୍ଗେ ଦେଖାହୁଏ । ସକାଳୁ ଉଠି ଅନୁପମାର ମୁହଁ ଚାହିଁବ । ସେଦିନ ରତିକାନ୍ତର ଯାହାହେଉ ଭାଗ୍ୟରେ ଥିଲା । ତାର କଇଁଫୁଲିଆ ହସହସ ମୁହଁରେ ସୂର୍ଯ୍ୟଙ୍କର କଅଁଳ କିରଣ ସ୍ପର୍ଶ କରିଥିବାରୁ ଅତି ସୁନ୍ଦର ଦିଶୁଥିଲା । ସୁନ୍ଦର ଚକ୍ଷୁ ଦୁଇଟି ତା'ର ମୁହଁରେ ରୋମାଞ୍ଚପୂର୍ଣ୍ଣ ପ୍ରହେଳିକା ସୃଷ୍ଟି କରୁଥିଲା । ତା'ର ସୁନେଲି ଓଠରେ ଖିଲି ଖିଲି ହସ ରତିକାନ୍ତକୁ ଅଧିକ ଆକର୍ଷିତ କରିଥିଲା । ରତିକାନ୍ତ ହଠାତ୍ ଆଶ୍ଚର୍ଯ୍ୟ ହୋଇଉଠିଲା । ଯେ ସେ କଣ ସେହି ସ୍ୱପ୍ନର ନାୟିକା । ଯିଏ ରାତିପରେ ରାତି ରତିକାନ୍ତକୁ ଉଜାଗର କରିରଖୁଥିଲା । ବାସ୍ତବରେ ଇଏ କ'ଣ ହେଉଛି ? ଇଏ କି ଭାବନା ଆଜି ମନକୁ ଆସୁଛି କାହିଁକି ? ଅନୁପମାକୁ ଆଗରୁ ବାରମ୍ବାର ଦେଖି ମଧ ଏପରି ଭାବନା କେବେ ଆସିନଥିଲା । ଆଜି କ'ଣ ହେଇଛି ? ସେ ଆଜି ବହୁତ ସୁନ୍ଦର ଦିଶୁଛି । ଠିକ୍ ପୂର୍ଣ୍ଣିମାର ଚନ୍ଦ୍ର ପରି । ତା'ର ସରଳ ନିର୍ମଳ ମୁହଁଟା ରତିକାନ୍ତର ମନକୁ ଆନ୍ଦୋଳିତ କରୁଛି ।

ସେ ହସ ହସ ମୁହଁରେ ରତିକାନ୍ତକୁ କେତେ କଥା କହିଯାଏ । କିନ୍ତୁ ବିଚରା ରତିକାନ୍ତର ସବୁକଥା ହଁ ନାଁରେ ରହିଯାଏ । ଅନୁପମାର ଗୋଟିଏ କଥାରେ ରତିକାନ୍ତର କୋଟିଏ ଭାବନା ସଞ୍ଚାର ହୋଇଥାଏ । ସେଦିନ କେତେ ଦରଦୀ ହୃଦୟରେ ସେ ମତେ କହୁନଥିଲା, ଜାଣିଛ ଆଜି ବଜାରରେ ସବୁ ଦରଦାମ୍ ବଢ଼ିଯାଇଛି । କାଲି ଯାହା ପାଞ୍ଚଟଙ୍କା ଥିଲା ଆଜି ସେ ସାତଟଙ୍କାରେ ବିକ୍ରି ହେଉଛି । କିନ୍ତୁ ତମର

ଅଧିବ୍ୟବସାୟରୁ ତ ଆମର କିଛି ଅଧିକ ଲାଭ ହେଉନାହିଁ । ରଜ ଆଉ ଦିଇଦିନ ରହିଲା । ଭାରି ଇଛା ନାଲିଫୁଲପକା ଶାଢ଼ୀ ଖଣ୍ଡେ କିଣି ରଜ ପାଳିବି । ଦୋକାନକୁ ଯାଇଥିଲି ମିତା ସହିତ କଣିବା ପାଇଁ ମିତା ତା ପାଇଁ ସେଇ ମନଲାଖି ଶାଢ଼ୀ ଖଣ୍ଡେ କିଣିଲା । କିନ୍ତୁ ମୁଁ, ମୁଁ ଶାଢ଼ୀ ପସନ୍ଦ କରି ମଧ ଆଣିପାରିଲି ନାହିଁ । କାଲିଆସି ନେଇଯିବି କହି ଚାଲି ଆସିଲି । ଏ ଅଭାବ ଜୀବନରେ ମଣିଷ ଆଉ କେତେଦିନ ଏ ମନକୁ ଚାପି ରଖିପାରିବ । ଜୀବନଟା ମତେ ନିଶ୍ୱ ଲାଗୁଛି । ସରିଗଲା ପରି ଲାଗୁଛି । ଉପଭୋଗ ଓ ଉପାସନାର କୌଣସି ସ୍ଥାନ ନାହିଁ । କାଲି ସକାଳେ ଆମେ ଦୁଇହାତ ହେଲେ ଯେଉଁ ନୂଆ ଅତିଥିଟା ଆସିବ ତା' ଭାଗ୍ୟରେ କ'ଣ ଥିବ ଜଣା ନାହିଁ । ଆମେ ତ ନିଜେ ଚଳିବା କଷ୍ଟକର ହେଇ ପଡୁଛି । ତାକୁ ଆମେ କ'ଣ ଦେବା । ବାସ ତା'ପରେ କହି କହି ଅନୁପମା କାନ୍ଦି ପକାଏ । ଅତି ଭାବବିହ୍ୱଳ ହୋଇ ରତିକାନ୍ତ ଜୋରକିନା ଭିଡି ଆଣିଛି ଅନୁପମାକୁ ତା ଛାତି ପାଖକୁ, ଏବଂ ଚୁମ୍ବନର ସରଲ ରେଖାଟିଏ ଆଙ୍କି ଦେଇଛି ସେ ତା କପାଳରେ । ସେହି ମୂହୁର୍ତ୍ତରେ ରତିକାନ୍ତ ଅନୁଭବ କରିପାରିଛି  ସବୁଜ ଯୌବନର ପହିଲି ବସନ୍ତରେ ଗଢ଼ି ଉଠିଥିବା କଳ୍ପନାର ତାଜମହଲ ପରି ତା' ଜୀବନରେ ଏକ ବଡ଼ ଧରଣର ପରିବର୍ତ୍ତନ ହେଲାପରି ଲାଗେ । ତା'ମନରେ ଅନେକ ଆଶା ଆଉ ସ୍ୱପ୍ନ ଆସେ ଅନୁପମାକୁ ନେଇ । ବୁଝେଇବାକୁ ଚେଷ୍ଟା କରିଛି ସେ ଅନୁପମାକୁ । ତା ଆଖିଲୁହରେ ହଜିଯାଇଛି ରତିକାନ୍ତର ହୃଦୟ । ଯାହା ସେ କାହାକୁ ଦେଖାଇ ପାରୁଚି ନାଁ ସେ କାହାକୁ କହି ପାରୁଛି । ଠିକ୍ ଏହି ସମୟରେ ରତିକାନ୍ତର ନିଦଭାଙ୍ଗି ଯାଏ । ଅନୁ ଅନୁ କରି ଚିତ୍କାର କରେ, ବ୍ୟସ୍ତ ହୁଅନି, ବ୍ୟସ୍ତ ହୁଅନି କହି ଭୋ ଭୋ ହୋଇ ଛୋଟ ପିଲାଙ୍କ ପରି କାନ୍ଦି ଉଠିଛି । ହେଲେ କାହିଁ ?  ସିଏ ତ ତା ସ୍ୱପ୍ନର ନାୟିକା ନୁହେଁ । ସେ ତାକୁ ନେଇ ଏତେ ବ୍ୟସ୍ତ କାହିଁକି ? ସିଏ କାହିଁକି ବାରମ୍ବାର, ତା'ର ସ୍ୱପ୍ନ ନାୟିକାର ସ୍ଥାନ ନେଉଛି । ଥରେ ସେ ଯଦି କୌଣସି କାରଣରୁ  ଅନୁପମାର ଦେଖା ପାଇଯାଏ ତା ଖୁସିର ସୀମା ରହେ ନାହିଁ । ବେଳେ ବେଳେ ତା'ଜୀବନର ସବୁକଥା ସେ ନିଦ୍ୱନ୍ଦ୍ୱରେ ଅନୁପମା ପାଖରେ ଅଜାଡ଼ି ଦିଏ । ଯେପରି ସେ ସଂସାରର ସବୁଠାରୁ ଅତି ନିଜର ଅତି ଆପଣାର, କିନ୍ତୁ ସେ ସବୁ କେବଳ ସ୍ୱପ୍ନ । ଜୀବନର ବାସ୍ତବତା ଯେତିକି ନିଷ୍ଠୁର ସେତିକି କଠୋର ମଧ । ଅଭାବ ମଣିଷ ଜୀବନକୁ ଥରେ ଆସେ କିନ୍ତୁ ରହିଯାଏ ମରିବା ପର୍ଯ୍ୟନ୍ତ । ଯାହା ରତିକାନ୍ତ ଭାଗ୍ୟରେ ଥିଲା । ପିଲାଟି ଦିନରୁ ତା'ର ଦୁଃଖରେ ସଂସାର ଗଢ଼ା । ତେଣୁ ସେ ଅନୁପମାକୁ ସ୍ୱପ୍ନ ଦେଖିଛି ତା' ବିଶ୍ୱାସକୁ ସିଏ ସମ୍ମାନ ଦେଇଛି । ତେଣୁ ତାକୁ ନେଇ ସୁଖର ନିଜ ରଚନା କରିବା କଥା କେବେ ତା ଆଗରେ ପ୍ରକାଶ କରିପାରିନି । କିନ୍ତୁ ଆଜି ଅନୁ ତ ତା' ଘର ତା' ପରିବାରକୁ ନେଇ ବେଶ୍ ହସଖୁସିରେ ରହୁଛି । ଆଉ ସେମିତିକି ଅନୁବି ତ ପ୍ରକାଶ କରିନି କି ମୁଁ ତା ହୃଦୟର ନାୟକ ବୋଲି । ତା ହେଲେ ମୁଁ କାହିଁକି  ? ଏହିସବୁ କଥା ଭାବିଲା ବେଳକୁ ରତିକାନ୍ତ ପାଇଁ ସବୁକିଛି ଅସହ୍ୟ ହୋଇପଡେ । ତା' ପାଖରେ ତା ଜୀବନର ଅତି ମୂଲ୍ୟବାନ ସ୍ୱପ୍ନ ଅନୁପମା ଥିଲେ ମଧ ସେ କିଛି କହିପାରେ ନାହିଁ ।

ଯୌବନ ଅବସ୍ଥାରେ ଯୁବକ ମନରେ ଅନେକ ସୁନେଲି ସ୍ୱପ୍ନ ଆସିଥାଏ । ଦିନଯାକର କାମଧନ୍ଦା ସାରି ରାତ୍ରିର ନିଛାଟିଆ ମୂହୁର୍ତ୍ତରେ ତା'ର ମନ ଦର୍ପଣରେ ଉଙ୍କିମାରେ ଏକ ଅଜଣା ସୁନ୍ଦରୀ ଯୁବତୀ । ଯେତେବେଳେ ସେହି ସ୍ୱପ୍ନର ନାୟିକାର ସରଳ ନିଷ୍କପଟ ଚାହାଣି ରତିକାନ୍ତ ମନକୁ ଆନ୍ଦୋଳିତ କରିଥାଏ । ସେ ତାକୁ ମନେ ମନେ ଭଲ ପାଇବାର ଅକୁହା ନିଶାରେ ବିଭୋର ହୋଇଯାଏ । ସେ କିଏ ଏବଂ କାହିଁକି ତାପାଇଁ ମନରେ ଏତେ ତତ୍ପରତା ? କ'ଣ ପାଇଁ ସେ ବାରମ୍ବାର ଆସି ରତିକାନ୍ତ ମନକୁ ବିଚଳିତ କରୁଛି । କାହିଁକି ଏ ଅଲୋଡ଼ା ଅଜଣା ଜୀବନରେ ଟିକେ ଆଶାର କିରଣ ବିଞ୍ଚିଦେଇ ଚାଲିଯାଉଛି । ଏ ପ୍ରଶ୍ନ ରତିକାନ୍ତମନକୁ ବାରମ୍ବାର ଆନ୍ଦୋଳନ କରୁଥାଏ ।

ଅନୁ ଠିକ୍ କହିଥିଲା ଦାରିଦ୍ର୍ୟର ସୀମାରେଖା ଭିତରେ ଉପଭୋଗ ଓ ଉପାସନାର ସତରେ କୌଣସି ସ୍ଥାନ ନଥାଏ । ଯାହାକି ରତିକାନ୍ତ ଖୁବ୍ ଭଲଭାବରେ ଅନୁଭବ କରିଛି । ଏହିପରି ଭାବରେ ସମୟର ସ୍ରୋତରେ ରତିକାନ୍ତର ଜୀବନ ରୂପକ ଡଙ୍ଗା ବହିଚାଲିଛି ଆଗକୁ ଆଗକୁ । ଇଏ ତ ରତିକାନ୍ତର ଜୀବନ ନୁହେଁ । ଜୀବନ ନାଁରେ ସିଏ ବଞ୍ଚିଛି ଏକ ଅସହ୍ୟ ଅଲୋଡା ଜୀବନ କୁ ପ୍ରତୀକ୍ଷା କରିଛି ତା'ର ସ୍ୱପ୍ନ ବାସ୍ତବତାର ରୂପନେବାର ଦିନକୁ ।

ନିଳାଦ୍ରୀ ବିହାର, କଟକ

# କଳଙ୍କ

- ଡଃ. ଦୀପକ କୁମାର ଦାଶ

ସମୟ ଆସି ସାଢ଼େ ନଅଟା ହେଲଣି । ଖରା ଦିନିଆ ଖରାରେ ଗୁଳୁଗୁଳି ଆରମ୍ଭ ହୋଇଗଲାଣି । ଦେହରୁ ଗମଗମ ହେଇ ଝାଳ ବାହାରୁଛି । କାଶିନାଥ ଧଇଁସଇଁ ହୋଇ ଆସି ପହଞ୍ଚିଛି ହାଇକୋର୍ଟ ବାରକାଉନ୍‌ସିଲ୍ ଆଗରେ । ଟାଇପ୍‌ର ଟପ୍ ଟପ୍ ଶବ୍ଦରେ ଲାଇବ୍ରେରୀ ସାମ୍ନା ଯାଗାଟା ପୁରା ଗୁଞ୍ଜୁରି ଉଠୁଥିଲା । ପଛପଟେ ବରା, ଗୁଲୁଗୁଲା ବାଲା ତାର ଢଙ୍ଗରେ ଡାକୁଥିବା ଆସ ଆସ ଦଶ ଟଙ୍କାରେ ପେଟ ଫୁଲ୍ । ଆଉ ଆଗରୁ ପଛରୁ ଖାଲି ପଞ୍ଝା ପଞ୍ଝା କଳା ରଙ୍ଗର ପକ୍ଷୀ ଦଳପରି ମଣିଷଗୁଡ଼ିକ ଧାଇଁ ଆସୁଥାନ୍ତି । ଆଜି କାଶିନାଥ ସବୁ ଖୋଲି ହାକିମ ଆଗରେ କହିଦେବ । ଆଜି ସେ ନ୍ୟାୟ ପାଇବ । ସେ ସମସ୍ତଙ୍କୁ ଦେଖେଇ ଦେବ ଯେ, ସେ କିଛି ଭୁଲ୍ କରିନି । ସେ ଗୋଟେ ମଣିଷ, ଆଉ ତା'ର ଜାତି ହେଲା ମଣିଷ ଜାତି । ପୁଣି ତାକୁ କାହିଁକି ବାସନ୍ଦ । ଘରେ ବାହାରେ ସବୁଆଡେ ଛି ଛି । ପୁଅବୋହୂ ସମସ୍ତେ ତାକୁ ଅଲଗା କାହିଁକି କରିଦେଲେ । କାଶି ଘରେ ଜମିବାଡ଼ି ସବୁ ଥାଇ ମଧ୍ୟ ଆଜି ସେ ନିସ୍ୱ । ସମସ୍ତଙ୍କ ଆଗରେ ସେ ଆଜି ନୀଚ ହୋଇଯାଇଛି ।

ଏହି କଥା ଭାବି ଭାବି ବାରକାଉନ୍‌ସିଲ୍ ଗେଟ୍ ଆଗରେ ଟିକେ ଥକା ମାରି ବସିପଡିଛି । ହଠାତ୍ ତା ପଛରୁ କିଏ ଗୋଟେ ଜୋର୍ କରି ଡାକିଛି । ଆରେ କାଶି ତୁ କେତେବେଳେ ଆସିଲୁଣି । ବାବୁ ମୁଁ ପରା ଘଣ୍ଟେ ହେଲା ଆସି ବସିଛି । ଆପଣଙ୍କ ରାହା ଦେଖୁଛି । ବାବୁ ଆଜି କ'ଣ ମତେ ନ୍ୟାୟ ମିଳିବ ମୋ ଜମିବାଡିସବୁ ମିଳିଯିବ । ଦିଲ୍ଲୀପ୍ ବାବୁ ତାଙ୍କୁ ଦୃଢ଼ ପ୍ରତିଶ୍ରୁତି ଦେଇ କହିଲେ, ଆରେ ତୁ ଦେଖିବୁ ଆମେ ନିଶ୍ଚିତ ହାକିମଙ୍କ ଠାରୁ ନ୍ୟାୟ ପାଇବା । ଦିଲ୍ଲୀପ ବାବୁ ଘର କାଶିର ଗାଁ ବୌଦ୍ଧଜିଲ୍ଲା ରାଜିଂ ଗାଁରେ । ସେ ଜଣେ ଓକିଲ ହେଲେ ମଧ୍ୟ, ଜଣେ ସରଳ, ଅମାୟିକ ମଣଷ । ମାନବିକ ଅଧିକାର ପାଇଁ ଲଢ଼େଇ କରିବା ଏବଂ ସମାଜରେ ଦଳିତ ନିଷ୍ପେସିତମାନଙ୍କୁ ନ୍ୟାୟ ଦେବା ଯେମିତି ତାଙ୍କ ଜୀବନର ମୂଳ ଲକ୍ଷ୍ୟ । ଆଜି ସେ କାଶିନାଥର ହକ୍ ପାଇଁ ହାଇକୋର୍ଟ ଦ୍ୱାରସ୍ଥ ହୋଇଛନ୍ତି ।

କାଶିନାଥ ଗୋଟିଏ ଧାର୍ମିକ ଏବଂ ସରଳ ଗାଉଁଲି ଲୋକଟିଏ । ଗାଁରେ ଛୋଟ ଠାରୁ ବଡ଼ ପର୍ଯ୍ୟନ୍ତ ସମସ୍ତଙ୍କର ଅତି ଆପଣାର । ଗାଁରେ ତାର ତିନି ବଖରା ଘର ଏବଂ ଦୁଇମାଣ ସମ୍ପତ୍ତି । ଚାଷରୁ ତାକୁ ଯାହାମିଳେ ଘର ଚଳିଯାଏ । ଘରେ ସ୍ତ୍ରୀ, ପୁଅ, ବୋହୂ ଆଉ ନାତିନାତୁଣୀଙ୍କୁ ନେଇ ସଂସାର । ପୁଅ ଛୋଟ ମୋଟ କାମ କରି ଭଲ ଦିପଇସା ଆଣେ । ଛୋଟ ସଂସାର ଆରାମରେ ଚଳିଯାଏ । ଦିନେ ସେ ତା କାମରୁ ଫେରିବା ବେଳେ ତା'ର ବାଲ୍ୟବନ୍ଧୁ ମକର ତାକୁ ଡାକି ତା ଘରକୁ ନେଇଥିଲା । ମକର ଦୋଳ ପୂର୍ଣ୍ଣିମା ପାଇଁ ତା ଘରେ ପିଠାପଣା କରିଥିଲା । କାଶି ଆଉ ସେ ଛୋଟବେଳେ କେତେ ଯେ ବୁଲି ନାହାଁନ୍ତି ତା'ର ହିସାବ ନାହିଁ । ଆମ୍ବ ବାଡ଼ିରୁ ଆମ୍ବ ଚୋରାଇ ଖାଇବା ଠାରୁ ଆରମ୍ଭ କରି ପୋଖରୀରେ ମାଛ ଧରିବା ପର୍ଯ୍ୟନ୍ତ ସବୁ କାମ କରିଥାନ୍ତି । ଗୋଟିଏ ଆମ୍ବରୁ ସେ ଖଣ୍ଡେ ଖାଇଲେ, ମକରା ଆଉ ଖଣ୍ଡେ ଖାଇଥାଏ । ସେ ପୁରୁଣା କଥାକୁ ସାଉଁଟି ସାଉଁଟି ଦୁଇ ସାଙ୍ଗଯାକ ହସ ଖୁସିରେ ମଜିଯାଇଥାନ୍ତି । ହଠାତ୍ ମକରାର ସ୍ତ୍ରୀ ସୁଲୋଚନା ଆସି ପଚାରିଛି ।

- ହଇ ହେ ଶୁଣିଲଣି !

- କ'ଣ ହେଲା ?

- ଖାଲି ଗପୁଥିବ ନା ଆଉ କ'ଣ କରିବ ?

- ଆଉ କ'ଣ କରିବି କହୁନ !

- ଆମ ଘରେ ଆଜି ଭଲ ପିଠାପଣା ହେଇଛି ତମେ ଆଣି ତାଙ୍କୁ ଦେଉନ ।

- ଆଲୋ ହୁଣ୍ଡି ଆମେ ପରା ନୀଚଲୋକ ଶୂଦ୍ର ଜାତିର, ସେ କ'ଣ ଆମ ଘରେ ଖାଇବ । - ତମେ

ଟିକେ ପଚାରି ବୁଝୁନ ମୁଁ ଆଣି ଦିଅନ୍ତି ।

କାଶିନାଥ ସବୁ ଶୁଣିଲାପରେ ଆଉ ମନା କରି ପାରିଲା ନାହିଁ । ଦୁଇ ସାଙ୍ଗ ବସି ଆରିସା, କାକରା, ମଣ୍ଡା, ପିଠା ଖାଇ ହାତ ଧୋଇବାକୁ ଗଲେ ।

କାଶିନାଥ ବନ୍ଧୁ ଘରୁ ଖାଇଲାପରେ ଘରକୁ ବାହୁଡ଼ିଲା । ଆସି ଦେଖେ ତ ଘର କବାଟ ଆଗରେ ପୁଅ, ବୋହୂ, ସ୍ତ୍ରୀ ସମସ୍ତେ ଆସି ଠିଆ ହୋଇଛନ୍ତି ।

ହତବାକ୍ ହୋଇ କାଶି ପଚାରିଲା ଆରେ କ'ଣ ହେଇଛି ତମେ ସମସ୍ତେ ଏଠି ଛିଡ଼ା ହେଇଛ ?

କାଶିର ସ୍ତ୍ରୀ ସୁକୁମାରୀ ପ୍ରଥମେ ପଚାରିଲା, ତମେ କୁଆଡେ ଯାଇଥିଲ ?

- ଆରେ ମକରା ଘରକୁ ।

- କାହିଁକି ?

- ସେ ଦୋଳ ପୁନେଇ ଭାର ଦେଖାଉ ଥିଲା, ସେ ତା ଝିଅ ଘରକୁ ଦେବବୋଲି ପ୍ରସ୍ତୁତ କରିଛି ।

- ଖାଲି ଦେଖୁଥିଲ ନାଁ ତା ସାଙ୍ଗରେ ବସି ଖାଉଥିଲ !

- ତମେ କେମିତି ଜାଣିଲ ?

- ତମେ କ'ଣ ଭାବୁଛ ବିରାଡ଼ି ଆଖିବୁଜି ଦୁଧ ପିଇଯାଉଛି । ବୁନାପରା ଯାଇଥିଲା ତମକୁ ଖୋଜିବା ପାଇଁ ଦେଖିଆସିଲା ତମେ ତା ଘରେ ବସି ଖାଉଥିଲ ।

- ହଁ ମୁଁ ତା ଘରେ ଖାଉଥିଲି ସତକଥା, ସେ ମୋର ବାଲ୍ୟବନ୍ଧୁ । ତା' ସାଙ୍ଗରେ ଖାଇଲେ କ'ଣ ହେଲା ? ତାର ମୋର ସାଙ୍ଗରେ କେତେଥର ଛୋଟବେଳେ ଖାଇଛୁ ।

- ତମେ ବୁଢ଼ାଟିଏ ହେଲଣି ମୁଣ୍ଡରେ ଟିକିଏ ବୁଦ୍ଧିସୁଦ୍ଧି ନାହିଁ । ସେ ହେଲା ଶୂଦ୍ର ଜାତିର, ତା' ଘରେ ଖାଇଲେ ଆମ ଜାତିଗଲା । ଆଜିଠାରୁ ତମେ ଘରେ ବାହାରେ ସବୁଆଡେ ବାଛନ୍ଦ ।

କାଶିନାଥ ବିକଳ ହେଇ ତା ପରିବାରର ସମସ୍ତ ସଦସ୍ୟଙ୍କ ମୁହଁକୁ ଗୋଟିଏ ଲକ୍ଷ୍ୟରେ ଚାହୁଁଥାଏ । ସତେ ଯେପରି ସେ ଗୋଟିଏ ବଡ଼ ପାପ କରିଛି । ତା'ର ଆପଣାର ଲୋକମାନେ ତା' ଠାରୁ ସଂପୂର୍ଣ୍ଣ ରୂପେ ଦୂରେଇ ଯାଇଛନ୍ତି ।

ଛୋଟକଥାଟା ବଡ଼ ହେଲା, ଗାଁ ରେ ପଞ୍ଚାୟତ ବସିଲା । କାଶିନାଥକୁ ଦଣ୍ଡ ଦିଆଗଲା ଯେ, ଗାଁରୁ ବାସନ୍ଦ । କାରଣ ସେ ଶୂଦ୍ର ଘରେ ଖାଇ ତା ଜାତି ହରେଇଛି । ସେ ତା ପରେ ଏ ଗାଁରୁ ସେ ଗାଁ ମାଗିଖାଇ ବଞ୍ଚିଲା । ଓକିଲ ଦିଲ୍ଲୀପ ବାବୁଙ୍କ ସହାୟତାରେ ହାଇକୋର୍ଟରେ ଆଶ୍ରୟ ନେଲା କିନ୍ତୁ ତା ପୁଅ ମିଛ କେସ୍‌ରେ ତାକୁ ଫସାଇ ବାପା ପାଗଳ ହୋଇଯାଇଛନ୍ତି ବୋଲି କେସ୍‌ରେ ଡିଗ୍ରୀ ପାଇଲା

ତା' ପରେ କାଶିର ଭାଗ୍ୟ ବାରଦୁଆର ଭିକ୍ଷା କରିବା । ଏମିତି ବହୁତ ଦିନ ବିତିଗଲା କାଶି ପୁଣି ଥରେ ଗାଁକୁ ଫେରିଲା । ନିଜ ଗାଁ, ନିଜ ପରିବାରକୁ ଦେଖିବା ପାଇଁ ସେ ଆସି ତା ଗାଁରେ ପହଁଞ୍ଚିଲା । ହେଲେ ତାର ଘର ଲେଉଟାଣି ନିଷ୍ଫଳ ହେଲା । ଖାଇବାତ ଦୂରରକଥା ପାଣି ବି ମିଳିଲା ନି । ତେଣୁ ଅନାହାରରେ ମୃତ୍ୟୁକୁ ଅପେକ୍ଷା କରିବା ବିନା ତାଙ୍କ ପକ୍ଷରେ ଅନ୍ୟକିଛି ପନ୍ଥା ନଥିଲା ।

ଏହି କଥା ଦିଲ୍ଲୀପ ବାବୁଙ୍କ କାନରେ ପଡି ସେ ତାଙ୍କୁ ଉଦ୍ଧାର କରି ଡାକ୍ତର ଖାନାକୁ ଆଣିବା ବ୍ୟବସ୍ଥା କରିଲେ । କିନ୍ତୁ ତାଙ୍କ ଚେଷ୍ଟା ନିଷ୍ଫଳ ହେଲା । କାଶିନାଥ ବହୁଦିନର ସଂଗ୍ରାମ ପରେ ଆଖି ବୁଜିଲେ । କାଶିନାଥର ଶବକୁ ନେବାକୁ ପରିବାର ଲୋକ ରୋକ୍‌ଠୋକ୍ ମନାକରିଦେଲେ । ଦିଲ୍ଲୀପ ବାବୁ କିଛି ସ୍ୱେଚ୍ଛାସେବୀ ସଂଗଠନ ସାହାଯ୍ୟରେ ଶବ ସତ୍କାର କଲେ । ଆଜି ମାନବିକ ଅଧିକାର ପାଇଁ ଲଢୁଥିବା ମଣିଷଟି ହାରିଯାଇଛି । ଗୋଟିଏ ମଣିଷକୁ ତା'ର ଅଧିକାର ଦେବାରେ ସେ ଅସମର୍ଥ । ତାଙ୍କ ମନରେ ପ୍ରଶ୍ନଉଠେ ଆଉ କେତେ ଦିନ, ଏଇ ଜାତି ପ୍ରଥା .......

ଖ୍ରୀଷ୍ଟମହାବିଦ୍ୟାଳୟ, କଟକ

# ପ୍ରତାରଣା

**ଗୋପାଳ ଚନ୍ଦ୍ର ଦୋବାଇ**

ଅକ୍ଳ ପ୍ରସନ୍ନତା ଜ୍ୟୋତ୍ସ୍ନା ବିଧୌତ ନିଶିଧିନୀ ପରମ ଶୋଭାକୁ ଧାରଣ କରି ଗର୍ବ ଶୂନ୍ୟ ହୃଦୟରେ ସୁପ୍ତା ଋତୁରାଜ ଆଗମନରେ ପ୍ରକୃତିରାଣୀ ନବବିବାହିତା କାମିନୀ ପରି ପୁଷ୍ପରାଶିରେ ଆବୃତା ମଳୟ ସମୀର ମରୁତର ମୃଦୁମନ୍ଦ ସଞ୍ଚାଳନ ଦ୍ୱାରା ପ୍ରକୃତି ମଦିରାପାନ କଲାପରି ପ୍ରମିଳାସକ୍ତ । ନିସ୍ତବ୍ଧ ନିର୍ଜନତାକୁ ଭେଦକରି ଘଞ୍ଚ ଅରଣ୍ୟ ଆଶ୍ରମରୁ ଭାସିଆସୁଥାଏ ମନ୍ତ୍ରରାଜା ସାଙ୍ଗୀତିକ ଆବାହନ । ନିର୍ମଳ ନିଷ୍ପନ୍ଦ ହୃଦୟରେ ଜପି ଚାଲିଛନ୍ତି ମହର୍ଷି ସୁରୁଚି ମନ୍ତ୍ରରାଜ ଧ୍ୱନିରେ ପ୍ରକୃତି କୋଡ଼ରେ ସୁପ୍ତା ସର୍ବ ଜୀବଜଗତ ସତେ ଅବା କେହି ସଙ୍ଗୀତ ମୂର୍ଚ୍ଛନୀ ତୋଳି ଗାଢ଼ ସୁଷୁପ୍ତି ଅବସ୍ଥାକୁ ଟାଣି ଆଣୁଛି ।

.... ଛମ୍.... ଛମ୍..... ଛମ୍ ।

ନୂପୁରର ନିକ୍ୱଣ ସୁରଜର ମନ୍ଦ୍ର ଧ୍ୱନିରେ ସୁପ୍ତା ପ୍ରକୃତି ପୁନର୍ବାର ଜାଗରିତ ହୋଇଉଠିଲା । ନିସ୍ତବ୍ଧ ନିଶୀର ବେପଥୁ ଶ୍ରୀହରଣ ସଙ୍ଗେ ଶ୍ରୀହରି ଉଠିଲା ସୁରୁଚିଙ୍କ ଧ୍ୟାନମଗ୍ନ ଅବୟନ । ନେତ୍ର ଫେଡ଼ି ଦେଖନ୍ତି ପ୍ରକୃତିର କୋମଳକମନୀୟ ମନ ବିମୋହିତ କଳେବର । ଭିଜା ଜ୍ୟୋସ୍ନାରେ କେହି ପ୍ରକୃତିକୁ ସୁଗନ୍ଧମୟ କରି ତୋଳୁଛି । ପୁନର୍ବାର ଦେଖିଲେ କିୟତ୍ ଦୂରରେ ନୃତ୍ୟରତା ଏକ ଭୁବନବିମୋହିନୀ । ଖିଲି ଖିଲି ହୋଇ ହସୁଛି । ତା'ର ସେହି ଖିଲି ଖିଲି ମଧୁରମନ୍ଦ ହସ ଚତୁର୍ଦ୍ଦିଗକୁ ମୋହିତ କରି ଦେଉଛି । ସତେ ଅବା ସୃଷ୍ଟି ଏକ ନିର୍ଝରିଣୀ ହୋଇ ବହିଯିବ । ସେହି ହସର ପ୍ରତିଟି ଶବ୍ଦ ସୁରୁଚିଙ୍କ ପାଇଁ ସୁସ୍ପଷ୍ଟ ବୋଧଗମ୍ୟ । ଫେରିଆ ପୁତ୍ର, ସେଥିରେ ଶାନ୍ତି ନାହିଁ । ନିତ୍ୟସୁଖ ନାହିଁ, ମୋକ୍ଷ ନାହିଁ, ମୁକ୍ତି କେବଳ ଗାର୍ହସ୍ଥ୍ୟ ଜୀବନରେ ପିତାମାତାଙ୍କର ଆକୁଳିତ ଅମୀମାଂସିତ ପ୍ରଶ୍ନଟି ହସର ଧାରେ ଧାରେ ସୁରୁଚିଙ୍କ ହୃଦୟ କନ୍ଦର ମଧ୍ୟରେ ମୂର୍ଚ୍ଛିତ ବୀଣାତାରକୁ ଆଘାତ କରି ହୃଦୟକୁ ଭେଦକରି ଦେଇ ଫେରିଆସୁଥିଲା ।

ଋଷି ସୁରୁଚି ଧୀରେ ଧୀରେ ସେହି ନାରୀଟି ନିକଟକୁ ଗଲେ ।

ହେ ଦେବୀ ତୁମେ କିଏ ? ତୁମେ ସ୍ୱପ୍ନ ନା ସତ୍ୟ, ନା ତୁମେ କୌଣସି ଦେଶର ରାଜକୁମାରୀ ବାଟ ବଣା ହୋଇ ଏଠାକୁ ପଳାଇଆସିଛି । ପଚାରିଲେ ସୁରୁଚି ମୁଁ ବନରାଜ ନନ୍ଦିନୀ ନିତ୍ୟା ଆପଣଙ୍କ ତପ, ତେଜ ରୂପ ସୌନ୍ଦର୍ଯ୍ୟରେ ଆକୃଷ୍ଟ ହୋଇ ଆପଣଙ୍କ ପ୍ରେମ ପାଇବାକୁ ଆସିଛି ।

ହେ ଦେବୀ ! ଜଣେ ସର୍ବତ୍ୟାଗୀ ସନ୍ନ୍ୟାସୀ ତୁମକୁ କିଭଳି କି ପ୍ରେମ ଦେଇ ତୁମର ମନବାଞ୍ଛା ପୂର୍ଣ୍ଣ କରିବ । ଭଗ୍ନ ମନୋରଥ ନେଇ ଫେରିଯିବ ସିନା, ତୁମର ମନସ୍କାମନା ପୂର୍ଣ୍ଣ କରିବା ମୋ ସାଧର ବାହାରେ । ମୁଁ ବର୍ତ୍ତମାନ ପୂର୍ଣ୍ଣ ବ୍ରହ୍ମାଙ୍କର ପୂର୍ଣ୍ଣ ପ୍ରେମରେ ବ୍ରତୀ କହିଲେ ସୁରୁଚି ।

ପ୍ରକୃତି ପୁରୁଷ ମିଳନ ବିନା ପୂର୍ଣ୍ଣପ୍ରେମ ଅସମ୍ଭବ । ପୂର୍ଣ୍ଣ ପ୍ରେମ ନ କଲେ ପୂର୍ଣ୍ଣ ବ୍ରହ୍ମଙ୍କର ପ୍ରାପ୍ତି ମଧ ଅସମ୍ଭବ, କହିଲେ ନିତ୍ୟା ।

ହେ ଦେବୀ ! ମୁଁ ସେ ମାୟାମୋହରେ ଆଚ୍ଛାଦିତ ହେବାକୁ ଚାହେଁନା, ମାନୁଛି ପ୍ରକୃତି ପୁରୁଷର ମିଳନରେ ସୃଷ୍ଟି ହୁଏ ପୂର୍ଣ୍ଣପ୍ରେମ । ପରମୁହୂର୍ତ୍ତରେ ସୃଷ୍ଟି ହୁଏ ଦୁଃଖ । ଅନେକ ଜନ୍ମର ପୁଣ୍ୟ ଫଳରେ ମନୁଷ୍ୟ ଜନ୍ମକୁ ପ୍ରାପ୍ତ ହୁଏ । ସମସ୍ତ ଜୀବଜଗତରେ ଶାରୀରିକ ପ୍ରାଣୀଠାରୁ ମନୁଷ୍ୟ ଶ୍ରେଷ୍ଠ ଏବଂ ସର୍ବ ଦୁର୍ଲଭ ଅଟେ । ଏହି ଦୁର୍ଲଭ ଶରୀରକୁ ପ୍ରାପ୍ତ ହୋଇ ବିଷୟ ବାସନାରେ ମଜ୍ଜି ରହି ମନୁଷ୍ୟ ଉପଭୋଗ ପରାୟଣ ହୋଇଉଠେ । ଏହି ପରଂବ୍ରହ୍ମ ପରମାତ୍ମାଙ୍କ ଠାରୁ ବିମୁଖ ରହୁଥିବା ମନୁଷ୍ୟ ନିଜକୁ କାମନା ଦ୍ୱାରା ବାନ୍ଧି ରଖେ । ସେଥିପାଇଁ ବୁଦ୍ଧ କହିଛନ୍ତି, 'କାମନାର ବିନାଶରେ ଦୁଃଖର ବିନାଶ' କହିଲେ ସୁରୁଚି । ଏମିତି ଯଦି ସମସ୍ତେ ତପସ୍ୟା ବ୍ରତରେ ବ୍ରତୀ ହେବେ ସୃଷ୍ଟି ସର୍ଜନା ଅସମ୍ଭବ ।

ଯାହା ତପସ୍ୟାରେ ପ୍ରାପ୍ତି ହେବ,ତାହା କ'ଣ ଗାର୍ହସ୍ଥ୍ୟ ଜୀବନରେ ପ୍ରାପ୍ତି ହେବନି । ଦୁଃଖ ନ ଥିଲେ ସୁଖର ସଂଜ୍ଞା ଆସିଲା କେଉଁଠୁ । ମନୁଷ୍ୟ ଜନ୍ମ ଦୁର୍ଲଭ, ଏଇଥିପାଇଁ ତା' ପାଖରେ ଦିବ୍ୟଜ୍ଞାନ ଅଛି । ଯାହା ତା'ର ସୃଷ୍ଟିକୁ ଉତ୍ତମ ରୂପେ ପରିଚାଳିତ କରିବ । ତୁମେ ଯେଉଁ ନିତ୍ୟ ସୁଖ ନିମନ୍ତେ, ସଂସାରଗତ ଲୌକିକ ସୁଖରୁ ବୀତସ୍ପୃହ ହୋଇ, କଳାଭୃଙ୍ଗ ପରି ମଧୁ ଆସ୍ୱାଦନ ନିମନ୍ତେ ତପସ୍ୟା କରିବାକୁ ଛୁଟିଆସିଛ । ତୁମେ କେବେହେଲେ ମଧୁ ପାଇପାରିବ ନାହିଁ । ମଧୁଅଛି କେବଳ ଦୁଃଖ ସୁଖମୟ ସାଂସାରିକ ସୁଖରେ । ମାୟା ଗ୍ରନ୍ଥିରେ ଏ ସାରା ବିଶ୍ୱ ବ୍ରହ୍ମାଣ୍ଡ ବନ୍ଧା ହୋଇଛି । ତୁମେ କ'ଣ ତପ ଶକ୍ତିରେ ମାୟାପାଖରୁ ଦୂରେଇ ଯାଇପାରିବ । ମାୟା ବିନା ଏ ସଂସାରର ସ୍ଥିତି ଅସମ୍ଭବ । ସ୍ୱୟଂ ପୂର୍ଣ୍ଣ ବ୍ରହ୍ମ ମଧ ଏ ମାୟା କୁଣ୍ଡଳିନୀ ମଧରେ ସ୍ଥିତ । ତୁମେ ମାୟା ଭିତରେ ରୁହ । ମାୟା ତୁମକୁ ଗ୍ରାସ ନ କରୁ କହିଲେ ନିତ୍ୟା ।

ନିତ୍ୟାଙ୍କ କଥା ଶୁଣି ସୁରୁଚିଙ୍କ ସମସ୍ତ ଅବୟବ ଏକ ନୂତନ ପୁଲକରେ ପୁଲକିତ ହୋଇଗଲା । ମନେମନେ ଚିନ୍ତାକଲେ ତାହାହେଲେ ମୁଁ ଯାହା କରୁଛି ତାହା କ'ଣ ଭୁଲ୍ ? ପ୍ରକୃତରେ ଯୁଦ୍ଧ କ୍ଷେତ୍ରକୁ ଆସି ଯୁଦ୍ଧ ନ କରି ଡରି ପଳାଇଯିବା ଭୀରୁତାର ପରିଚୟ । ବୀର ଯଦି ଯୁଦ୍ଧ କ୍ଷେତ୍ରରେ ମୃତ୍ୟୁବରଣ କରେ ତାକୁ ସାଧାରଣ ମୃତ୍ୟୁର ଆଖ୍ୟା ଦିଆଯାଇପାରେନା । ତାକୁ ବୀରଗତି କୁହାଯାଏ । ଏ ସଂସାରରୂପକ ଯୁଦ୍ଧ କ୍ଷେତ୍ରରେ ଆମେ ସମସ୍ତେ ଗୋଟିଏ ଗୋଟିଏ ବୀର ଯୋଦ୍ଧା । ଏ ଯୁଦ୍ଧ ସାଧାରଣ ଯୁଦ୍ଧ ନୁହେଁ, ଏ ଯୁଦ୍ଧ କାମ, କ୍ରୋଧାଦି ଷଡ଼ରିପୁ ସହିତ ଏବଂ ଏକ ଦଶ ଇନ୍ଦ୍ରିୟକୁ ଆୟତ କରିବାର ଯୁଦ୍ଧ । ଏହି କଥା ଚିନ୍ତାକରି ସୁରୁଚିଙ୍କର ମତିଭ୍ରମ ହୋଇଗଲା । ଭୁଲିଗଲେ ସ୍ଥାନ, କାଳ, ପାତ୍ର, ତପ, ତେଜ । ନିତ୍ୟାଙ୍କ ହସ୍ତ ଧରି ଆଶ୍ରମକୁ ବାହୁଡ଼ି ଆସିଲେ । ନିତ୍ୟାଙ୍କ ସହିତ ସୁରୁଚିଙ୍କର ଦୁଇ ବର୍ଷ ଅତିକ୍ରାନ୍ତ ପ୍ରାୟ । ନିତ୍ୟାକୁ ଥରେ ନ ଦେଖିଲେ ସୁରୁଚି ପାଗଳ ପ୍ରାୟ ହୋଇଯାଉଛନ୍ତି । ଦୁଇଟି ସନ୍ତାନର ଜନକ ଆଜି ସେ । ନିତ୍ୟାଙ୍କ କଥାରେ ନିତ୍ୟ ସୁଖ ନିମନ୍ତେ ଫେରିଆସିଲେ ବାନପ୍ରସ୍ଥରୁ ଗାର୍ହସ୍ଥ୍ୟ ଆଶ୍ରମ ।

ଏକଦା ଫଳମୂଳ ସଂଗ୍ରହ ନିମନ୍ତେ ଆଶ୍ରମରୁ ବାହାରୁଛନ୍ତି । ନିଜକୁ ବହୁତ କଷ୍ଟ ଅନୁଭବ କଲେ । କ୍ରୋଧରେ ସେ ନିତ୍ୟାଙ୍କୁ କହିଲେ ମୁଁ ଦୈନନ୍ଦିନ ଫଳମୂଳ ସଂଗ୍ରହ ନିମନ୍ତେ ଅରଣ୍ୟ ଯିବି ନାହିଁ । କହିଲେ ସୁରୁଚି ।

ଆମେ ସିନା ଉପାସରେ ରହି ଦିନ କାଟିଦବା ହେଲେ ଏହି କୋମଳମତି ଶିଶୁ ଦୁଇଟିଙ୍କୁ ତ କିଛି ଦେବାକୁ ହେବ କହିଲେ ନିତ୍ୟା ।

ଶିଶୁ ଦୁଇଟିଙ୍କୁ ଦେଖିବାମାତ୍ରେ ସୁରୁଚିଙ୍କ ମୁଖମଣ୍ଡଳରେ ପ୍ରସନ୍ନତାର ଭାବ ଫୁଟିଉଠିଲା । ତା'ପରେ ସେ ଆନନ୍ଦରେ ଚାଲିଗଲେ ବନକୁ । ବନ ମଧରେ ପହଞ୍ଚି ଭାବିଲେ, ଦୈନନ୍ଦିନ କ'ଣ ଆସିବି ? ଲୋଭାସକ୍ତ ହୋଇ ଆଠ ଦଶଦିନ ପାଇଁ ଖାଦ୍ୟ ସଂଗ୍ରହ କଲେ ।

ଖାଦ୍ୟ ସଂଗ୍ରହ କରି ଆଶ୍ରମକୁ ଫେରୁଥିବା ସମୟରେ ମାର୍ଗରେ କୁରଙ୍ଗି ନାମକ ରାକ୍ଷସ ସହିତ ତାଙ୍କର ସାକ୍ଷାତ୍ ହେଲା । କରୁଙ୍ଗି କ୍ରୁର ହେଲେ ମଧ ରାକ୍ଷସ ଉତ୍ତମ । ଅନ୍ୟାୟରେ ସେ କ୍ରୁର ଏବଂ ନ୍ୟାୟରେ ସେ ଧୀର । ସୁରୁଚିଙ୍କ ସହିତ ତାର ଆଗରୁ ପରିଚୟ ଥିଲା । କୁରଙ୍ଗିକୁ ସେ ବହୁତ ଭଲପାଆନ୍ତି । କୁରଙ୍ଗି ମଧ ତାଙ୍କୁ ଭଲପାଆନ୍ତି । ଋଷିବର ଆପଣଙ୍କର ଏ ଜୀର୍ଣ୍ଣଶୀର୍ଣ୍ଣ ଶରୀର ମୁଖମଣ୍ଡଳ ଏତେଗୁଡାଏ ଫଳ, ଏସବୁ ସୂଚାଉଛି, ଆପଣ ତପ ଛାଡ଼ି ପୁଣି ମାୟା ଜାଲରେ ଛନ୍ଦି ହୋଇଯାଇଛନ୍ତି ବୋଲି ତପୋନ୍ମୁଖୀ ଆପଣଙ୍କର ଏହି କୁସ୍ୱରୂପ ସାଧନାର ପରିଚୟ ନୁହେଁ ତପଚାରୀ ଶଠତାର ପରିଚୟ କହିଲା କୁରଙ୍ଗି ।

"କ୍ଷମା କରିବେ ରାକ୍ଷସ ମହୋଦୟ, ମୋ ପାଖରେ ବାତ୍ସଲ୍ୟପ୍ରେମ ସବୁଠାରୁ ଗରୀୟାନ ଏପରିକି ଆପଣଙ୍କ ସ୍ୱେଚ୍ଛାଚାରୀ ନିତ୍ୟ ସୁଖଠାରୁ ମଧ, କହିଲେ ସୁରୁଚି ।

ଜଣେ ତପଚାରୀ ମୁଖରେ ଏ କଥା ଶୋଭପାଏନା । ସନ୍ନ୍ୟାସୀ ମହୋଦୟ ସାମାନ୍ୟ ମାୟାର ବଶବର୍ତ୍ତୀ ହୋଇ ଆପଣ ଏତେ ଶୀଘ୍ର ସବୁତ୍ୟାଗ କରିଦେଲେ । ଆପଣଙ୍କ ପିତାମାତା ତ ଦିନେ ଆପଣଙ୍କୁ

ବାତ୍ସଲ୍ୟପ୍ରେମରେ ବାନ୍ଧିବାକୁ ଚାହିଁଥିଲେ । କିନ୍ତୁ ଆପଣ କଲେ କ'ଣ ? ବୃଦ୍ଧ ବୟସର ତାଙ୍କର ସବୁ ଆଶାକୁ ଛିନ୍ନ କରି ଚାଲିଆସିଥିଲେ ତପସ୍ୟା କରିବାକୁ । ଏତେଦିନ ବାତ୍ସଲ୍ୟ ପ୍ରେମ କଥା ମନେପଡ଼ିଲା । ଯାହା ଆପଣଙ୍କୁ ସ୍ପର୍ଶ କରିବା କଥା ନୁହେଁ । ସେ ଆପଣଙ୍କୁ ବୁଡ଼ାଇ ଦେବାକୁ ବସିଲାଣି, କହିଲା କୁରଙ୍ଗୀ।

ଲଜ୍ଜା ସଙ୍କୋଚରେ ସୁରୁଚିଙ୍କର ମଥା ତଳକୁ ହୋଇଗଲା । ସେ ରାକ୍ଷସକୁ କିଛି କହିବା ପୂର୍ବରୁ ରାକ୍ଷସ ଅନ୍ତର୍ଦ୍ଧାହ ହୋଇଗଲା । ରାକ୍ଷସର କଥାଗୁଡ଼ିକରେ ସୁରୁଚିଙ୍କ ହୃଦୟରେ ଦୁଃଖ ଅନୁତାପ ଭରିଗଲା ।

ଏହିପରି ଭାବୁ ଭାବୁ ଆଶ୍ରମରେ ଆସି ଉପସ୍ଥିତ ହେଲେ । ଦେଖିଲେ କୋମଳମତି ଶିଶୁ ଦୁଇଟି ତାଙ୍କରି ଆଡ଼କୁ ଅତ୍ୟନ୍ତ ନିର୍ନିମେଶ ନୟନରେ ଚାହିଁ ରହିଛନ୍ତି । ସୁରୁଚି ପୁଣି ସମସ୍ତ ଦୁଃଖକୁ ଭୁଲିଯାଇ ଆନନ୍ଦରେ ଦୁଇ ସନ୍ତାନକୁ କୋଳକୁ ନେଇ ଖେଳେଇବାକୁ ଲାଗିଲେ । ମାୟାମୋହରେ ସେ ଅନ୍ଧ ପାଲଟି ଯାଇଥିଲେ । ହଠାତ୍ ଶିଶୁ ଦୁଇଟି କାନ୍ଦିଉଠିଲେ । ତା'ଦେଖି ସୁରୁଚି, ନିତ୍ୟା ନିତ୍ୟା ବୋଲି ଡାକିଲେ, କିନ୍ତୁ ଆଶ୍ରମ ଭିତରୁ କେହି ଆସିଲେ ନାହିଁ କି ଜବାବ୍ ମଧ ମିଳିଲା ନାହିଁ । ପିଲା ଦୁଇଟିକୁ ଶୋଇ ଦେଇ ଆଶ୍ରମ ଭିତରକୁ ନିତ୍ୟା ନିତ୍ୟା ବୋଲି ଡାକି ପ୍ରବେ କଲେ, ଦେଖିଲେ ଆଶ୍ରମ ଭିତରେ କେହି ନାହାନ୍ତି । ନିତ୍ୟା ନିତ୍ୟା ବୋଲି ଡାକି ପାଗଳ ପ୍ରାୟ ହୋଇଗଲେ ଏବଂ ଆଶ୍ରମରେ ବହୁତ ଦୂରକୁ ଡାକି ଡାକି ପଳେଇଲେ । ସନ୍ତାନ ଦୁଇଟିଙ୍କ କଥା ତାଙ୍କର ଆଉ ଖିଆଲ ନାହିଁ । ହଠାତ୍ କାହାର ଡାକରେ ସେ ଅଟକିଗଲେ । ସେ ପୂର୍ବପରିଚିତ ସ୍ୱର ।

କିଏ ନିତ୍ୟା, କହିଲେ ସୁରୁଚି ।

ଦେବରାଜାଙ୍କ ଆଜ୍ଞାରେ ମୁଁ ଆସିଥିଲି ତୁମେ ତପସ୍ୟା ଭଙ୍ଗ ଉଦ୍ଦେଶ୍ୟରେ । ମୋ କାର୍ଯ୍ୟରେ ସଫଳ ହୋଇ ମୁଁ ବର୍ତ୍ତମାନ ସ୍ୱର୍ଗପୁରକୁ ଯାଉଛି । କହିଲେ ନିତ୍ୟା ତାହାହେଲେ ତୁମେ ମୋତେ ଯାହାସବୁ କହିଲ, ତାହାସବୁ ମିଥ୍ୟା, ପ୍ରତାରଣା, କହିଲେ ସୁରୁଚି ।

ମୋ ସ୍ୱାମୀଙ୍କ ଆଜ୍ଞା ମୁଁ ପାଳନ କଲି, ମିଥ୍ୟାରେ ହୋଇପାରେ, ତାହାକୁ ତୁମେ ମିଥ୍ୟା କହିପାର ଅବା ପ୍ରତାରଣାର ଆଖ୍ୟା ଦେଇପାର । ମୁଁ ଗୋଟିଏ ସତକଥା କହିଛି ଯାହା ମୋର ସମସ୍ତ ମିଥ୍ୟା କଥାକୁ ଧୌତ କରିପାରିବ, କହିଲେ ନିତ୍ୟା ।

ସେହି ସତ କଥାଟି କ'ଣ ଥରେ କହିବ କି, କହିଲେ ସୁରୁଚି । ତୁମେ ମାୟାରେ ରୁହ; କିନ୍ତୁ ମାୟା ତୁମକୁ ଗ୍ରାସ ନ କରୁ । କିନ୍ତୁ ତୁମକୁ ତ ମାୟା ସମ୍ପୂର୍ଣ୍ଣ ମାତ୍ରାରେ ଗ୍ରାସ କରିଛି । କହିଲେ ନିତ୍ୟା । ମୁଁ ତୁମକୁ ଅଭିଶାପ ଦେବି, କହିଲେ ସୁରୁଚି ।

ନିତ୍ୟା ଏକ ତାଚ୍ଛଲ୍ୟ ହସି ହସି କହିଲା ଅଭିଶାପ ! ବିନା ତପସ୍ୟାରେ ଅଭିଶାପ ଅସମ୍ଭବ । ପୁଣି ମାୟାଜାଲକୁ ଯାଆନ୍ତୁନି, ଫେରିଯାଅ ସନ୍ନ୍ୟାସୀ, ଯିବା ପୂର୍ବରୁ ଆହୁରି ଗୋଟିଏ କଥା କହିଯାଉଛି, କାମ, କ୍ରୋଧ, ଲୋଭାଦିକୁ ବର୍ଜନ କରି ଯିଏ ସାଂସାରିକ ହୁଏ ସେହି ପାଏ ନିତ୍ୟ ସୁଖ, ଏ କଥା କହି ନିତ୍ୟା ଉର୍ବଶୀ ରୂପ ଧରି ଅନ୍ତର୍ଦ୍ଧାନ ହୋଇଗଲେ ।

ସେହିଠାରେ ଠିଆହୋଇ ଋଷି ସୁରୁଚି ନିଜର ଅତୀତ କଥା ସ୍ମରଣ କରି ଦୁଃଖ ଅନୁତାପ ଅଗ୍ନିରେ ଜର୍ଜରିତ ହେବାକୁ ଲାଗିଲେ । ଆଖିରୁ ତାଙ୍କର ଧାର ଧାର ହୋଇ ଲୁହ ବହିଯାଉଥାଏ ।

ପୂର୍ବଦିଗରେ ପାଟଳ ବର୍ଣ୍ଣାଳିର ଆଭାସ ଆସନ୍ନ ପ୍ରଭାପ୍ରାୟ ନୂପୁରର ଦ୍ରୁତ ଶବ୍ଦ ଧୀରେ ଧୀରେ ମିଳାଇଯାଉଛି ଠିକ୍ ଏକ ବେଦନା ବିଷର୍ଣ୍ଣ ବିଦାୟୀ ଶିଶିରସିକ୍ତ ରାତ୍ରିପରି ।

ନୂପୁରର ଛମ୍ ଛମ୍ ଶବ୍ଦରେ ସୁରୁଚିଙ୍କର ହୃଦୟକନ୍ଦର ବିଦୀର୍ଣ୍ଣ ହୋଇଉଠିଲା । ଦୀର୍ଘ ସମୟ ପରେ ମନେପଡ଼ିଗଲା ସେହି ନିଷ୍ପାପ କମନୀୟ ମୁଖମଣ୍ଡଳରେ ଚେନା ଚେନା ହସ, କାହାନ୍ତି ସେମାନେ ? ଲମ୍ବା ଲମ୍ବା ପାଦ ପକାଇ ଗହନ ଅରଣ୍ୟ ମଧରେ ଅଦୃଶ୍ୟ ହୋଇଗଲେ ମହର୍ଷି ସୁରୁଚି ।

# ଗାଁ ମୁଣ୍ଡ ବରଗଛ, ପାଳଭୂତ ଓ ଅପେରା ଅତୀତ

- ନଳିନୀପ୍ରଭା ମିଶ୍ର

ଗାଁ ମୁଣ୍ଡ ବରଗଛ ଲୋ କୋଇଲି
ଦିଶଇ କେଡ଼େ ସୁନ୍ଦର
ପରକୁ ଆପଣା କରିଗଲେ ସିନା ଘର ହେବ ସ୍ୱର୍ଗପୁର
ପାଳଭୂତ ସାକ୍ଷୀ ତୋ'ର ଲୋ
ଚାଲିଯିବୁ ଶାଶୂଘର .....

ଅତୀତ ପାଠପଢ଼ା ସମୟର ହାତଲେଖା ସେ ଗୀତ ଧାଡ଼ିରୁ କେଇପଦ ମନେପକେଇବାକୁ ଲାଗିଲା ନମିତା । ମଝି ଅଗଣାରୁ ଖରା ଘୁଞ୍ଚି ଘୁଞ୍ଚି ଗଲାଣି । ଆଉକିଛି ସମୟ ପରେ ବେଳ ଲେଉଟାଣି ସମୟ ଆସିଯିବ । ଠିକ୍ ତା'ରି ବୟସର ପରିବର୍ତ୍ତନ ଭଳି । ଆଙ୍ଗୁଠିରେ ଗଣିଚାଲିଲା । ବିଭାଘରର ପନ୍ଦରଟି ବର୍ଷ ବିତିଗଲାଣି । କାଲି ପରି ଲାଗୁଛି । ନରେଶଙ୍କ ହାତ ଧରି ବି ସେ ଏ ଘରକୁ ବୋହୂ ହୋଇ ଆସିଥିଲା । ଶୈଶବରୁ କୁମାରୀ, କୁମାରୀରୁ ଯୌବନରେ ପାଦ ଥାପି ବୋହୂ ହୋଇ ଆସିବାର ଯେ କି ମାଦକତା ତାକୁ ବର୍ଣ୍ଣନା କରିବା କଷ୍ଟକର । କୋହ ମିଶା ମନରେ ଭରି ରହିଥିଲା କିଛି ଅଜଣା ପୁଲକ । କିଛି ହଜାଇ କିଛି ପାଇବାର ଆଶା । ଗାଡ଼ି ଥୁଆ ହୋଇଥିଲା ତାକୁ ନେଇଯିବା ପାଇଁ, ହାତରେ ଆଞ୍ଜୁଳି ଚାଉଳ ଧରି ଘରୁ ବିଦା ହୋଇ ଆସି ଗାଁ' ମୁଣ୍ଡ ବରଗଛ ତଳେ ବସିଥିବା ଠାକୁରାଣୀଙ୍କ ପାଖରେ ମୁଣ୍ଡିଆ ମାରିଥିଲା । ଗାଡ଼ି ମାଡ଼ି ଚାଲିଲା ଆଗକୁ ଆଗକୁ । ପଛରେ ରହିଯାଇଥିଲା ଅତିଆପଣାର ଗାଁ ମାଟି, ବାପଘର, ଆଉ ଗାଁ ମୁଣ୍ଡ ବରଗଛ, ପିଲାବେଳର ଖେଳସାଥୀ, ଯେଉଁଠି ସେ ତା'ର ପିଲାବେଳର ଅଧିକାଂଶ ସମୟ ଗାଁ'ର ସାଙ୍ଗସାଥୀମାନଙ୍କ ସହିତ କଟାଉଥିଲା । ବରଗଛ ତଳେ ଠାକୁରାଣୀଙ୍କ ପାଖକୁ ଲାଗି ଚଉତରାଟିଏ । ସେଠି ବୋହୂବୋହୂକା, ପୁଚି, କଉଡ଼ି ଖେଳ ଭିତରେ ଭାରି ମଜା ଲାଗୁଥିଲା । ସେଠି ହେଉଥିଲା କଣ୍ଢେଇ ବାହାଘର, ମିଛିମିଛିକା ବୋହୂ, ଉଖୁଡ଼ା, ମୁଢ଼ି, ଚଣାର ଭୋଜି । ରୁଚି, ମିନି, ରାଜୀବ, ଗଗନ ଏ ସମସ୍ତେ ପିଲାବେଳର ସାଙ୍ଗ । ଖେଳ ଭିତରେ ରାଗ, ରୁଷା, ମାନ, ଅଭିମାନ, ସ୍ୱାମୀ-ସ୍ତ୍ରୀର ମିଛିମିଛିକା ଅଭିନୟ.... । ଗଗନ ନାଁ'ଟା ମନେପଡ଼ିଲା ମାତ୍ରେ ଛାତି ଭିତରେ କିଛିଟା ଶୂନ୍ୟତା ଅନୁଭବ କଲା ନମିତା । ଗଗନକୁ ନେଇ ତା'ର ଏତେ ଦୁର୍ବଳତା କାହିଁକି ? ସେ ଏବେ ନରେଶଙ୍କ ଧର୍ମପତ୍ନୀ । ହିନ୍ଦୁ ନାରୀର ପତିବ୍ରତ୍ୟ ଧର୍ମ ଅନୁସାରେ ମନ ଭିତରେ ପରପୁରୁଷର ଛାଇ ମାଡ଼ିବା ମହାପାପ । ତଥାପି.... କାଲି ଗଗନ ତା'ର ମୋବାଇଲ୍‌ରୁ ମେସେଜଟିଏ ପଠାଇଥିଲା । ଗତକାଲି ଥିଲା 'ଭାଲେଣ୍ଟାଇନ୍ ଡେ' । ତା'ହେଲେ ଏବେ ବି ଗଗନର ହୃଦୟ ଭିତରେ ସେ ଅଭୁଲା ସ୍ମୃତିଟିଏ ହୋଇ ରହିଛି । ମନେପଡ଼ିଯାଉଥିଲା ବରଗଛ ତଳର ସେହି ମିଛିମିଛିକା ଖେଳ ଭିତରେ କେତେବେଳେ ଯେ ଯୌବନ ଆସି ତା ତନୁ ବଲ୍ଲରୀକୁ ଛୁଇଁ ଯାଇଥିଲା, ଶାରୀରିକ ପରିବର୍ତ୍ତନ ସାଙ୍ଗକୁ ଲାଜଲାଜ ଭାବ ଶିହରଣ ଏମିତି ଅନେକ କିଛି । ଗଗନ ବି ଯୁବକର ଆରମ୍ଭରେ ଉପନୀତ ହୋଇସାରିଥିଲା । ବରଗଛ ତଳର ଖେଳ ଛାଡ଼ି ତାକୁ ଏଣିକି ଆକଟର ସୀମା ଭିତରେ ରହିବାକୁ ପଡ଼ିଲା । ସ୍କୁଲକୁ ଯିବା ବାଟରେ ପଡ଼େ ବିଲ । ବିଲ ଡେଇଁଲେ ସରୁ ମାଟି ସଡ଼କଟିଏ । ସଡ଼କ ଶେଷମୁଣ୍ଡେ ବିଦ୍ୟାଳୟ । ତାକୁ ଚାଲି ଚାଲି ଯିବାକୁ ପଡ଼େ । ବିଲ ମଝିରେ ଠିଆ ପାଳଭୂତଟାଏ ପବନରେ ଦୋହଲୁଥାଏ । ଗଗନ ଯାଏ ପାଖ ଗାଁ କଲେଜକୁ । ପାଳଭୂତର କଡ଼ରେ କେଉଁଠି ଲୁଚି ରହିଥାଏ କେଜାଣି ଗଳା ଖଙ୍କାର ମାରେ । ଭାରି ଡର ଲାଗେ ନମିତାକୁ । ଚମକିପଡ଼ି ଛାତିରେ ଛେପ ନେଣ୍ଡାଏ ପକେଇଦେଲାବେଳେ ଗଗନ ଫେଁ କରି ହସି ନମିତା ଆଗକୁ ଆସି ତା' ହାତଟିକୁ ଧରିପକାଏ । ଭାରି ଲାଜ ମାଡ଼େ ନମିତାକୁ, କାଳେ କିଏ ଦେଖିନେବ । କିନ୍ତୁ ସେ ଲାଜ ଭିତରେ ଥାଏ ମାଦକତା, ମନକୁ କିଣିନେବାର ଅନ୍ୟକୁ ଆପଣେଇ ନେବା ଭିତରେ ସୃଷ୍ଟି ହୋଇଯାଏ ଏକ ଅଚ୍ୟୁତ ଯୁଗର ସମ୍ପର୍କର

ସେତୁଟିଏ । ହଠାତ୍ କିଛି ଖସ୍‌ଖସ୍ ଶବ୍ଦରେ ସତର୍କ ହୋଇଯାଏ ଗଗନ । ଦୁହିଁଙ୍କ ଭିତରେ ସତର୍କତା ସୃଷ୍ଟି ହୋଇଯାଏ । ବସ୍‌ଟାଏ ଦୂରରୁ ଧୂଳି ଉଡ଼ାଇ ଆଗେଇ ଆସେ । ଗଗନ ଚଢ଼ିଯାଏ, ଗାଡ଼ିର ଗତି ଆଗକୁ ଆଗକୁ ଅତିକ୍ରମି ଯାଏ । ନମିତାକୁ ତା'ର ରୁମାଲ୍ ହଲାଇ ବଧେଇ ଜଣାଏ ଗଗନ । ଆଉ ଦିନେ ପୁଣି ଦେଖାହେଲେ ଗଗନ ପଚାରେ ନମିତାକୁ, "ମୋ' ମୁଣ୍ଡ ଛୁଇଁ କହିଲୁ, ତୁ ମୋତେ ଭଲପାଉ ନା ନାହିଁ ।" ଜିଭ କାମୁଡ଼ିପକାଏ ନମିତା, ଏମିତି ଅଲକ୍ଷଣିଆ କଥାଗୁଡ଼ା ତୁଣ୍ଡରେ ନ ଧରିବାକୁ ମନାକରେ । ପାଳଭୂତକୁ ପଚାରି ବସେ, ଗଗନ ସତ କହିଲୁ, ପାଳଭୂତ ନମିତା ମୋତେ ଭଲ ପାଏନା ନାହିଁ । ପାଳଭୂତଟା ପବନରେ ଦୋହଲି ଦୋହଲି ହଁ ଭରିଦିଏ । ସତେଯେପରି ଏ ପାଳଭୂତଟା ତାଙ୍କ ମିଳନର ସାକ୍ଷୀ ।

ଏହିପରି ଦିନ ପରେ ଦିନ ଗଡ଼ିଚାଲେ । ଗଗନ ତା'ର କଲେଜ ପଢ଼ା ଶେଷକରି ଚାକିରି ଖଣ୍ଡିଏ ପାଇ ଚାଲିଯାଏ ତା'ର କର୍ମ କ୍ଷେତ୍ରକୁ । ଆଉ ନମିତା ଦଶମ ଶ୍ରେଣୀ ପାସ୍ କଲାପରେ ତା'ର ପୋଥିରେ ଡୋରି ବନ୍ଧା ହୋଇଗଲା । ଗଗନ ହୋଇଗଲା ପରଦେଶୀ ଓ ସେ ଥିଲା କେଉଁ ଅନାମଧେୟ ଗାଁର ନହୁଲୀ ଝିଅ । ମଝିରେ ମଝିରେ କେବେ ଗଗନ ଗାଁକୁ ଆସିଲେ ନମିତାର ଘର ଆଗଦେଇ ଥରେ ଦୁଇଥର ପାଇଁ ପଇଁତରା ମାରେ । ଦୁଇଜଣଙ୍କ ଭିତରେ କିଛିଟା ଦେଖାସାକ୍ଷାତ୍ ପାଇଁ ମନରେ ଆଶା ଥିଲେ ମଧ ସମାଜର ଲକ୍ଷ୍ମଣ ରେଖା ଡେଇଁଯିବାକୁ ଗଗନ ଓ ସେ କେବେ ବି ଦୁଃସାହସ କରିପାରୁ ନଥିଲେ । ନିଜ ନିଜର ବିବେକକୁ ଲଗାମଛଡ଼ା କରିବାକୁ ଚାହୁଁ ନଥିଲେ । ପାରିବାରିକ ଅସୁବିଧା ଯୋଗୁଁ ନମିତା ଅଧିକ ପାଠପଢ଼ି ନ ପାରି ବାହା ହୋଇ ଶାଶୂଘର ଚାଲିଆସିଥିଲା । ଚାକିରୀର ତାଡ଼ନାରେ ଗଗନ ତା' ବାହାଘରକୁ ଆସିପାରି ନ ଥିଲେ ସୁଦ୍ଧା ଗୋଟିଏ ଆଲବମ୍ ସହ ନମିତା ଏବଂ ଗଗନର ଦାମ୍ପତ୍ୟ ଜୀବନର ଶୁଭକାମନା କରି ପତ୍ର ଖଣ୍ଡିଏ ପଠାଇଥିଲା ।

ନମିତା ଏବେ ଦୁଇ ସନ୍ତାନର ଜନନୀ । ଦୁଇଟି ପୁତ୍ରକୁ ସେ ଓ ସ୍ୱାମୀ ନରେଶ ଉପଯୁକ୍ତ ଶିକ୍ଷା ପ୍ରଦାନ କରି ଭଲ ମଣିଷ କରିବା ପାଇଁ ସତତ ଚେଷ୍ଟିତ । ଏସନ ପୂଜାଛୁଟିରେ ଗାଁକୁ ଯାଇଥିଲା ନମିତା । ବାପା ବୋଉ କେବେଠୁ ଆରପାରିକୁ ଚାଲିଗଲେଣି । ଭାଇ ଚାକିରି ଖଣ୍ଡିଏ ପାଇ ସୁଦୂର ସହରରେ ରହନ୍ତି । ଘରେ କେବଳ ଅଛି ବିଧବା ପିଉସୀ ନାନୀ, ଯେ କି ବାଳବିଧବା ହୋଇ ବାପଘରକୁ ଆଶ୍ରା କରି ପଡ଼ି ରହିଥିଲା । ନମିତାକୁ ସେ ପିଲାବେଳୁ କୋଳେଇ କାଖେଇ ମଣିଷ କରିଥିଲା । ପିଉସୀ ନାନୀ ଏବେ ଚାରିକୋଡ଼ି ସରିକି ବୟସର ମଣିଷ । ହେଲେ ବାର୍ଦ୍ଧକ୍ୟ ତାଙ୍କ ମନକୁ ଛୁଇଁପାରି ନାହିଁ । ବାଡ଼ିଟିଏ ଧରି ନଇଁ ନଇଁ ଏ ଘରକୁ ସେ ଘର ବୁଲି ଆସୁଥିବେ । ଚଷମାଟିଏ ଆଖି ନାଇ କି ରାତି କି ଦିନ ଭାଗବତ ପଢ଼ି ଚାଲିଥିବେ । ବାପା ବୋଉଙ୍କୁ ମନେପକାଇ ନମିତା ବହେ କାନ୍ଦିବାକୁ ଲାଗିଲା । ଗାଁ ମୁଣ୍ଡ ବରଗଛଟି ସେହିପରି ଠିଆହୋଇଛି । ଗାଁ'ର ରୂପରେଖ ଆଧୁନିକତାରେ ବଦଳି ଯାଇଥିଲେ ମଧ ବରଗଛଟି ତା'ର କାୟା ବିସ୍ତାର କରି ସେହିପରି ଠିଆହୋଇଛି । ବରଗଛ ତଳେ ଚାନ୍ଦିନୀ ଉପରେ ବସିଥିବା ଠାକୁରାଣୀଙ୍କ ପାଇଁ ଛୋଟ ମନ୍ଦିରଟିଏ ତିଆରି ହୋଇଛି । ବାର ମାସରେ ସେହିପରି ତେର ପରବରେ ଠାକୁରାଣୀଙ୍କ ମନ୍ଦିରରେ ଭୋଗ ଲାଗୁଛି । ମନ୍ଦିର ପାଖକୁ ଗଲାବେଳେ ଚାନ୍ଦିନୀ ଉପରେ ନଜର ପଡ଼ିଲା ନମିତାର । ଚାନ୍ଦିନୀଟିର ଆୟତନ ବୃଦ୍ଧି ହୋଇଛି । କଡ଼କୁ ଲାଗି ସାଲୁବାଲୁ ହୋଇ ବଢ଼ି ଉଠୁଥିବା ଲାଜକୁଳୀ ଲଟା ଆଉ ନାହିଁ, ଯାହାର ପତ୍ରଗୁଡ଼ିକୁ ଛୁଇଁ ସେ ଓ ଗଗନ ମଜା ଉଠାଉଥିଲେ । ଶୁଣୁଥିଲା ଗଗନ କୁଆଡେ ଏବେ ବି ଅବିବାହିତ । ହେଲେ ତା' ଅବିବାହିତତାକୁ ନେଇ ନମିତା ମନରେ ଅନେକ ଅନେକ ପ୍ରଶ୍ନବାଚୀ । କାରଣ ଖୋଜି ବସିଲେ ମନରେ ସୃଷ୍ଟି ହୋଇଯାଏ ଜିଜ୍ଞାସା । ଜିଜ୍ଞାସା ବଳବତ୍ତର ହେଲେ ମନ ଆନ୍ଦୋଳିତ ହୁଏ । ଭାବନାର ଅଡୁଆ ସୂତା ଭିତରେ ମନ ଛନ୍ଦି ହୋଇଯାଏ । ଦୀର୍ଘଶ୍ୱାସ ପକାଇଲା ନମିତା । ଗଗନଟା ଖରାପ ପିଲ ନୁହେଁ । ତା'ଛଡ଼ା ଗଗନ ପରି ପାତ୍ର ପାଇଁ କ'ଣ କନ୍ୟାର ଅଭାବ । କେଉଁ ଏକ ଭୀଷ୍ମ ଶପଥ ନେଇ ସେ ଆଉ ଅବିବାହିତ ରହିଯାଇନି ତ! ଏମିତି ଅନେକ ପ୍ରଶ୍ନବାଚୀ ଭିତରୁ ଗୋଟିଏ ବି ନିର୍ଦ୍ଦିଷ୍ଟ ଉତ୍ତରରେ ସେ ଉପନୀତ ହୋଇପାରୁ ନଥିଲା ।

ପିଲାଦିନର ସାଙ୍ଗମାନଙ୍କ ଭିତରୁ କେଇଜଣ ପୂଜା ଛୁଟିରେ ମଜା ନେବାପାଇଁ ସ୍ୱାମୀ ଓ ପିଲାମାନଙ୍କ ସହ ଗାଁ'କୁ ବୁଲିଆସିଛନ୍ତି । ସହର ଅପେକ୍ଷା ଗାଁ'ରେ ପୂଜାଛୁଟିରେ ମଜା ବେଶି ନିଆରା । ଜହ୍ନିଫୁଲିଆ ସଞ୍ଜ, ଜହ୍ନ ଓଷାର ବେଳ, ଗାଁ ମନ୍ଦିରର ସଞ୍ଜ ଆଳତି, କାଶତଣ୍ଡୀର ହାଟ ସବୁକିଛି ମିଶି ତା' ମନକୁ ଆମୋଦିତ କରିଥିବାବେଳେ ଗଗନର କଥାକୁ ସେ ବେଶି ମନେପକାଉଥିଲା । ବିଶେଷକରି ତା'ର ଅବିବାହିତ ରହିବାର କଥା । ନିଜକୁ କିଛିକ୍ଷଣ ପାଇଁ ଦୋଷୀ ମନେକଲା ନମିତା । ତା' ପାଇଁ ତ ଆଉ.... । ସଞ୍ଜବେଳେ ଗାଁ' ମୁଣ୍ଡର ବିଲ ଆଡ଼େ ବୁଲିଗଲା ନମିତା । ସେଠି ବିଲ ନାହିଁ କି ପାଳଭୂତ ନାହିଁ । ବିଲର ସବୁଜିମାକୁ ନଷ୍ଟ କରି ସେଠାରେ ଗଢ଼ିଚାଲିଛି ଏକ ବିରାଟ ଶିଳ୍ପ କାରଖାନା । ଗାଁର ଢଙ୍ଗ ହଜିଯାଉଛି ସହରିଆ ସଭ୍ୟତାର ହାଓ୍ୱାରେ । ଏକ ଭାରାକ୍ରାନ୍ତ ମସ୍ତିଷ୍କ ନେଇ ନମିତା ଫେରିଆସୁଥିଲା ଘରକୁ । କାଲି ସକାଳୁ ସେ ଚାଲିଯିବ ତା' ଶାଶୂ ଘରକୁ । ସଞ୍ଜ ନଇଁ ଆସି ଧୀରେ ଧୀରେ ରାତି ଆସିବାକୁ ବସିଲାଣି । ବରଗଛ ତଳେ ଠାକୁରାଣୀଙ୍କ ମନ୍ଦିରରେ ଶଙ୍ଖ, ଘଣ୍ଟାର ଶବ୍ଦ ସଞ୍ଜ ଆଳତିର ବେଳ । କୋଟି ପ୍ରଣାମ ଜଣାଇଲା ଠାକୁରାଣୀଙ୍କ ପାଦ ତଳେ । ବରଗଛ ଅଛି, ହେଲେ ସେ ଦିନ ହଜିଯାଇଛି ବିସ୍ମୃତିର ଗର୍ଭରେ । ପାଳଭୂତ ନାହିଁ କି ବିଲ ନାହିଁ, ସବୁକିଛି ତା' ପାଇଁ ଆଜି ହୋଇଯାଇଛି ଅଫେରା ଅତୀତ ।



# ନିରାଶ୍ରୟ ମା' ଜଗଦୀଶ ରକ୍ଷ

ବିପଦ ଭଞ୍ଜନ ମିଶ୍ର

ବାହାଘର ମାତ୍ର ଗୋଟିଏ ବର୍ଷ ପୂରିନି, କୋଳରେ ଗୋଟିଏ ଛୁଆ । ବେକାରୀ ଜୀବନରେ ନା ଅଛି ଆନନ୍ଦ, ନା ଅଛି ଉଲ୍ଲାସ । ସବୁବେଳେ କିଛି ନା କିଛି ଅଭାବ । ତେଲ ଲୁଣର ସଂସାରକୁ ଭରଣା କରିବା ବଡ଼ କଷ୍ଟ । ତା'ପରେ ଆଜି ପିଲାକୁ କାଶ ତ କାଲି ଝାଡ଼ା । ବେଢ଼ି ଉପରେ କୋରଡ଼ା ପରି ବନ୍ଧୁବାନ୍ଧବଙ୍କ ଜଞ୍ଜାଳ ବି ଦିନକୁ ଦିନ ବଢ଼ିବାରେ ଲାଗିଛି । ବେଳେବେଳେ ଦୟାନନ୍ଦବାବୁଙ୍କ ମନ କହୁଛି ଘରଛାଡ଼ି କୁଆଡ଼େ ପଳାଇବେ । ବିଦେଶରେ ରହି କିଛି ରୋଜଗାର କରିବେ । ଘରେ ବସିଲେ ତ ପେଟଟା ଆପେ ଆପେ ପୂରିଯିବନି, ହେଲେ ସଂସାର ଶିକୁଳିଟା ସବୁବେଳେ ପଛରୁ ଟାଣି ଧରୁଛି । ମନେପଡୁଛି ରୋଗିଣୀ ମା'ର କାନ୍ଦ କାନ୍ଦ ମୁହଁ, "ମୁଁ ଆଉ ବେଶୀଦିନ ବଞ୍ଚିବିନିରେ" । ଅସହାୟ ବାପାର ଲୁହ ଛଳଛଳ ଆଖି, ଟିକି ପିଲାର ନାଲି ଓଠର ନାଲି ଟୁକୁଟୁକୁ ହସ, ଆଉ ରାହାଧରି କାନ୍ଦ, ସର୍ବୋପରି ସହଧର୍ମିଣୀଙ୍କ କ୍ରୋଧ ଓ ଅଭିମାନଭରା ଚାହାଣି । କ'ଣ କରିବେ ସେ କିଛି ଭାବିପାରନ୍ତି ନାହିଁ । ଅଟକିଯାଆନ୍ତି ସମାଜର ଦୋଛକି ରାସ୍ତାରେ, ନୀରବ ଓ ନିଶ୍ଚଳ ହୋଇ । ସ୍ଥାଣୁ ପାଲଟିଯାଏ ତାଙ୍କ ପୁରୁଷତ୍ୱ କାନ ଶୁଣେ, ସାହିପଡ଼ିଶା, ସାଙ୍ଗସାଥୀଙ୍କ ବିଦ୍ରୁପ । ସହିବାକୁ ପଡ଼େ ନିନ୍ଦା, ଗାଳି, ଅପମାନ ଭର୍ତ୍ସନା ସବୁକିଛି ଠିକ୍ ବଡ଼ ଦେଉଳର ଜଗନ୍ନାଥଙ୍କ ପରି ନିଜର ଅସହାୟତାକୁ ଦେଖେଇ । ମନକୁ ବୁଝାଇବାକୁ ହୁଏ, "କେତେଦିନକୁ ମନ ବାନ୍ଧିଛୁ ଆଣ୍ଠ" ଗୀତ ଶୁଣାଇ ଅଶାନ୍ତ ମନକୁ ଶାନ୍ତ କରିବାକୁ ପଡ଼େ କୋଳରେ କୋଳେଇ ନେଇ.....

ହେଲେ କେତେଦିନ, କେତେଦିନ ଏଇମିତି ଅଜଣା ନାଟକର ସୂତ୍ରଧର ହେବାକୁ ହେବ ? କେତେ ଆଉ ଛାତିକୁ ପଥର କରି ଗାଳିଗୁଲଜ, ନିନ୍ଦା ଅପମାନକୁ ଚନ୍ଦନ ପରି ଦେହରେ ବୋଳି ହେବ ସେ । ଜଗନ୍ନାଥ ସିନା କାଠରେ ଗଢ଼ା, ମନ ବୋଲି ତା'ର ସିନା କିଛି ନାହିଁ, ହେଲେ ଇଏ ପରା ମଣିଷ, ଶରୀରଟା ପରା ରକତ ମାଂସରେ ତିଆରି । ପାଞ୍ଚ ମନ ପଚିଶ ପ୍ରକୃତି ପରା ତା' ଭିତରେ ବସା ବାନ୍ଧିଛନ୍ତି । ସେମାନଙ୍କୁ କେମିତି ବଶ କରିବ । ବେଳେବେଳେ ସେ ଅସ୍ଥିର ହୋଇଉଠେ । ବୋଲମାନେନା ତା'ର ବୋଲକରା ମନଟା । ଉତ୍ତେଜିତ ମନକୁ ବୋଧ ଦେବାକୁ ଯାଇ ଉପରକୁ ଉଠି ଯାଆନ୍ତି ସୀମାହୀନ ଭାବରେ ତାର ହାତ ଦୁଇଟା । ସୃଷ୍ଟିକରି ବସନ୍ତି ବହୁ ଅଭାବନୀୟ ଘଟଣା ଅଶାନ୍ତ ବାତାବରଣ । ଶେଷରେ ପ୍ରଶମିତ ହୁଏ ମନର ବାଡ଼ବାଗ୍ନି, ଶାନ୍ତ ପଡ଼େ ବାତାବରଣ । ହେଲେ ଧୀରେ ଧୀରେ ହଜିଯାଏ ମନରୁ ମଧୁରତା, ବିଶ୍ୱାସ ବଳିପଡ଼ନ୍ତି କେତେକ ଆସବାବପତ୍ର

କିନ୍ତୁ ! ଆଜିର ଘଟଣା, ସବୁଦିନ ଠାରୁ ଥିଲା ଅଲଗା । ଆଜିର ସକାଳ ଏକ ଭିନ୍ନ ସକାଳ ଥିଲା । ଆଜିର ସୂର୍ଯ୍ୟୋଦୟ କିରଣ ନ ଥିଲା ନରମ, କି ସୁଖଦାୟକ, ଯଦିବା ଏହା ଥିଲା ନୂଆବର୍ଷର ନୂଆଦିନ । ଗତ ରାତିରୁ ସ୍ତ୍ରୀର ଜିଦ୍ ସେ ତାଙ୍କ ଘରକୁ ଯିବ । ହେଲେ ଭୋର୍‌ରୁ ଉଠି ଦେଖିଲାବେଳକୁ ମା'ଙ୍କର ଦେହ ଭୀଷଣ ଖରାପ । ନିଆଁରେ ପାଣି ପଡ଼ିଲା ପରି ସବୁ ସରାଗ ତାଙ୍କର ମରିଗଲା । ହସହସ ମୁହଁରେ ତାଙ୍କର ଫୁଟିଉଠିଲା ଅହେତୁକ କ୍ରୋଧ । ବଦଳିଗଲା ତାଙ୍କର ରଙ୍ଗଗୋଲାପୀ ଚେହେରା, ସତେଯେମିତି ସେ ପାଲଟିଗଲେ କରୁଣାମୟୀ ଦୁର୍ଗାରୁ ପ୍ରଳୟଙ୍କରୀ ଚଣ୍ଡୀ । ତାଙ୍କ ମୁହଁରୁ ଅନର୍ଗଳ ବାହାରିଲା ଗାଳି ଆଉ ଭର୍ତ୍ସନା । ଫୋପଡ଼ା ଚାଲିଲା ଘରକରଣା ଜିନିଷସବୁ ଯାଡେ ସ୍ୟାଡେ । କେତେ ଯେ ଭାଙ୍ଗିଲା ତା'ର କିଛି ହିସାବ ବି ରହିଲାନି । ଠିକ୍ ଏହି ସମୟରେ ଛୋଟ ଛୁଆଟା ବିଛଣାରୁ ଉଠି କାନ୍ଦିବା ଆରମ୍ଭ କରିଦେଲା । ଖୁବ୍ ଜୋର୍‌ରେ ରାଗ ଜର୍ଜର ହୋଇ ହାତରେ ଧରିଥିବା ନିଆଁଖୁଣ୍ଟାଟା ଧରି ଘର ଭିତରକୁ ଚାଲିଗଲେ ଘରଣୀ ଦେବୀ । କାଳେ କିଛି

ଅଘଟଣ ଘଟିବ ଭାବି ତାଙ୍କ ପଛେ ପଛେ ଘର ଭିତରକୁ ପଶିଗଲେ ବାପା 'ଦେ ପିଲାଟାକୁ ମୋତେ ଦେ କହି'। କିନ୍ତୁ ଘରଣୀଙ୍କ ରାଗ ଥିଲା ପଞ୍ଚମରେ । ସେ କାହାରି କଥା ଶୁଣିବା ଅବସ୍ଥାରେ ନଥଲେ । ସେ କହି ଚାଲିଥିଲେ କାହାରି ଦରକାର ନାହିଁ । ରଖ ହୋ, ତୁମର ଶୁଖିଲା ସୁହାଗ । ମୋ କଥା ମୁଁ ବୁଝୁଛି । ତା'ପରେ ଶ୍ୱଶୁର ଓ ବୋହୂଙ୍କ ମଧରେ ବାକ୍‌ବିତଣ୍ଡା । ବାପା ଯଦିଓ ଧୀରେ ସୁସ୍ଥେ କଥା କହୁଥିଲେ, ଘରଣୀଙ୍କ ପାଟି ଥିଲା ଉଚ୍ଚମାନର ଓ ସୀମା ବାହାରର । ସେ ସମସ୍ତଙ୍କୁ ଶୁଣାଇଲା ଭଳି କହୁଥିଲେ, ହଁ, ମୋରି ବେଳକୁ ସମସ୍ତଙ୍କର ସବୁ ରୋଗବୈରାଗ । ମୁଁ ଯେମିତି କୁଆଡୁ ଉଡ଼ିଆସିଛି । ହଁ, ତମର ଆଉ କେଉଁ ବଡ଼ ଘର କି, ମୋତେ କହିବ । ମୋ' ପିଲାକୁ ମୁଁ ମାରିଲି ବା ପିଟିଲି ତମର କ'ଣ ଗଲା ? ତୁମ ବଡ଼ପଣ ତୁମ ପାଖରେ । ରଖ ହୋ ! ବହୁତ ହୋଇଗଲା । ଏଠି ଆଉ ଚଳିହେବନି । ସମସ୍ତଙ୍କ ନାଲି ଆଖି ମୋ ଉପରେ, ମୁଁ କାହିଁକି କାହାକୁ ଡରିବି । ମୋର ବି ତ ଆତ୍ମସମ୍ମାନ ଅଛି । ଆସ ତ କିଏ ମୋ ପାଖକୁ । ମୁଁ କାହାରିକୁ ଆଜି ଛାଡ଼ିବିନି । ଏମିତି ଅନେକ ଅନେକ । ବଂଶ ପରମ୍ପରା ଠୁ ଆରମ୍ଭ କରି ଶିକ୍ଷାଦୀକ୍ଷା ପର୍ଯ୍ୟନ୍ତ.. । ଶେଷରେ ବାପା କହିଲେ, ହଉ କ'ଣ କରୁଛୁ କର । ଛୁଆଟା ଖାଲି ତମର, ଆଉ ଏ ଘରଦ୍ୱାର, ଥରେ ଭାବିକରି ଦେଖ । କ'ଣ ହେଲା ? ମୁଁ ଭାବିବି କାହିଁକି ବା ଏ ଘର ରହିଲା କେତେ ଗଲା କେତେ ? ମୁଁ କହୁଛି ମୋ ପାଖକୁ ଚାଲିଯାଅ, ନ ହେଲେ....। ନ ହେଲେ ଆଉ କ'ଣ କରିବୁ ? କ'ଣ ଆଉ ଅଛି । ଏ ଘରର ମାନ ଇଜ୍ଜତ ସବୁ ତ ଗଲା । ଆଉ ଅଛି କ'ଣ ? ଦେଖା କ'ଣ ଦେଖାଇବୁ । ମୁଁ ଏଇଠି ବସିଲି । ବୋଧହୁଏ ବାପା ପିଲାଟାକୁ ଟାଣିଆଣିଲେ କି କ'ଣ ପିଲାଟି ଜୋର୍‌ରେ କାନ୍ଦିଉଠିଲା ।

ବାହାରେ ଆଉ ସମ୍ଭାଳି ହୋଇ ରହିପାରିଲେନି ଦୟାନନ୍ଦବାବୁ । ଭିତରକୁ ପଶିଗଲେ । ଆଉ ଭିତରେ ଯାହା ଦେଖିଲେ ତାଙ୍କ ପାଟିରୁ କୌଣସି କଥା ପଦେ ବି ବାହାରିଲାନି । ସେ ନିର୍ବାକ୍ ପାଲଟିଗଲେ ।

ହଠାତ୍ ମୋବାଇଲ ବାଜିଉଠିଲା 'ଶ୍ରୀକୃଷ୍ଣ ଗୋବିନ୍ଦ ହରେ ମୁରାରେ' । ଆଉ ତାଙ୍କ ପାଟିରୁ ବାହାରିଆସିଲା ନିରାଶ୍ରୟ ମାଂ ଜଗଦୀଶ ରକ୍ଷ ।



# ଭଙ୍ଗାମନ

ସୁଭାଷ ଚନ୍ଦ୍ର ଦାଶ

ଅଗଷ୍ଟ ୧୫ ତାରିଖ । ପୂର୍ବାହ୍ନ ଦଶଟା । ଜଣେ ଯୁବକ ଦୁଇଟି ବ୍ୟାଗ୍ ଧରି ପହଞ୍ଚିଲା ତହସିଲଦାରଙ୍କ କ୍ୱାର୍ଟରରେ । ଡାକିଲା ମାଆ । କବାଟ ଖୋଲ । ଅନୁପମା ଦେବୀ କବାଟ ଖୋଲିଲେ । ଯୁବକଟି ନମସ୍କାର ହୋଇ କହିଲା, ସାର୍ ପତାକା ଉତ୍ତୋଳନ କାର୍ଯ୍ୟସାରି ମନୋହରପୁର ଗଲେ । ସେଠାରେ ଏକ ସାହିତ୍ୟ ସଂସଦ ଉଦ୍‌ଘାଟନ କରିବେ । ଫେରିବାବେଳକୁ ରାତି ହେବ । ମୋତେ କହିଥିଲେ - ମାଛ, ପରିବା ପାଇଁ । ପୂର୍ବରୁ ଯବକଟି କେତେଥର ପରିବା ଦେଇଯାଇଛି । ଅନୁପମା ଦେବୀ ଯୁବକ ସହିତ କଥାବାର୍ତ୍ତା ହୋଇଛନ୍ତି । କିନ୍ତୁ ତାଙ୍କ ମନରେ କେବେ ଦ୍ୱିରୁକ୍ତି ଭାବ ଆସିନାହିଁ । ହେଲେ କେଜାଣି କାହିଁକି ଆଜି ଯୁବକ ଜଣକ ତାଙ୍କୁ ନୂଆପରି ଲାଗୁଛି । ସେ ନିର୍ନିମେଷ ନୟନରେ ତା'ର ରୂପର ତୁଳନା କରୁଥାନ୍ତି । ସତରେ, ଦୁନିଆରେ ପୁରି ଏପରି ଶାନ୍ତ, ସରଳ କମନୀୟ କାନ୍ତି ପୁରୁଷ ଅଛନ୍ତି । କିନ୍ତୁ ଯୁବକର ପୁନଃ ନମସ୍କାର ଶୁଣି ପ୍ରକୃତିସ୍ଥ ହେବା ସଙ୍ଗେ ସଙ୍ଗେ ହସିଦେଇ କହିଲେ ଆରେ ନା, ନା । ମୁଁ ତ ବୟସରେ ତୁମଠାରୁ ସାନ ହେବି । ମୋତେ ମାଆ ନ ଡାକି ମ୍ୟାଡାମ୍ ଡାକିଲେ ଚଳିବ । କିନ୍ତୁ ତୁମେ.... । ଯୁବକ ଜଣକ କହିଲା, ମୁଁ ଜଣେ ଅଧସ୍ତନ କର୍ମଚାରୀ । ଓ.ଏଲ୍.ଆର୍., ସେକ୍‌ସନ୍‌ରେ କାମ କରେ । ମୋ'କାମକୁ ସାର୍, ଟିକେ ପସନ୍ଦ କରନ୍ତି ତ ସେଥିପାଇଁ ସାର୍ ମୋତେ ଟିକେ ବେଶୀ ଖୋଜନ୍ତି । ଅନୁପମା ଦେବୀ ପଚାରିଲେ, ତୁମ ନାମ କ'ଣ ? ଯୁବକଟି ଉତ୍ତରଦେଲା, ମୋ ନାମ ଅତନୁ । ଅତନୁ ମହାପାତ୍ର । ଅନୁପମା ଦେବୀ କହିଲେ - ଲେଖକ ଅତନୁ ମହାପାତ୍ର ନୁହେଁ ତ ? ଯିଏ 'ଭଙ୍ଗା ଆଇନା' କବିତା ବହିର ରଚୟିତା । ଯୁବକଟି ସ୍ମିତହସି କହିଲା - ହଁ, ମ୍ୟାଡାମ୍, ମୁଁ ସେହି ହତଭାଗ୍ୟ ଲେଖକ ଅତନୁ ମହାପାତ୍ର । ନିକଟରେ ମୋର ଆଉ ଏକ ସଂକଳନ ପ୍ରକାଶ ପାଇବାକୁ ଯାଉଛି । ଅନୁପମା ଦେବୀ କହିଲେ ଯାହାହେଉ, ମୁଁ ଆଜି ଆପଣଙ୍କ ପରଚିୟ ପାଇ ବହୁତ ଖୁସି । ଆପଣଙ୍କ 'ମଉଳା ଫୁଲ' କବିତାଟି ଖୁବ୍ ହୃଦୟସ୍ପର୍ଶୀ । ସେ କବିତାଟି ମୋତେ ଭାରି ଭଲ ଲାଗେ । ତେବେ ପରେ କଥା ହେବା । ଭିତରକୁ ଆସ । ଅନୁପମା ଦେବୀ ଭିତରକୁ ଚାଲିଗଲେ । ପଛେ ପଛେ ବ୍ୟାଗ୍ ଧରି ଅତନୁବାବୁ ଗଲେ । ଅନୁପମା ଦେବୀ କହିଲେ, ତୁମେ ବସ, ମୁଁ ରୋଷେଇ କରିବି । ଖାଇସାରି ଯିବ । ବାବୁ ତ ନାହାନ୍ତି । ଏ ସବୁ ମାଛ ଖାଇବ କିଏ ? ମୁଁ କ'ଣ ଏକା ଖାଇବି ? ଅତନୁବାବୁ ଏପରି ଅଯାଚିତ ସ୍ନେହକୁ ପ୍ରତ୍ୟାଖ୍ୟାନ କରିପାରିଲେ ନାହିଁ । କିନ୍ତୁ ଯାହା ବି ହେଲେ ତହସିଲଦାରଙ୍କ ସ୍ତ୍ରୀ । ତେଣୁ ମନରେ ଭୟ ରହିବା ସ୍ୱାଭାବିକ୍ । ଅନୁପମା ରୋଷେଇ କରିବାରେ ବ୍ୟସ୍ତ । ଅତନୁବାବୁ ଭାବନାରେ ବ୍ୟସ୍ତ । ଅନୁପମା ଦେବୀଙ୍କ ଭୁବନମୋହିନୀ ରୂପରେ ବିହ୍ୱଳ ହୋଇ କେଉଁ ଏକ ସପନ ରାଇଜରେ ଘୂରି ବୁଲୁଥିଲେ ମନ ପକ୍ଷିରାଜ ଘୋଡ଼ ଚଢ଼ି । ସତରେ କବିବର ରାଧାନାଥ କ'ଣ ଅନୁପମା ଦେବୀଙ୍କୁ ତାଙ୍କର ଚନ୍ଦ୍ରଭାଗା କାବ୍ୟର କାବ୍ୟ ନାୟିକା ଭାବରେ ଗ୍ରହଣ କରିଛନ୍ତି । କନ କନ ହରିଣୀ ଆଖିକୁ ଗୋଲାପୀ ଓଠର ମଲ୍ଲିଫୁଲିଆ ହସ ବେଶ୍ ମାନୁଛି ତାଙ୍କର ରୂପା ଥାଳିଆ ମୁହଁକୁ । ଚାଲିଲାବେଳେ ତାଙ୍କର ଢଳ ଢଳ ସୁଡ଼ୌଳ କୁଚ ଯୁଗଳର ଆକର୍ଷଣକୁ ଏକମାତ୍ର କବିସମ୍ରାଟ ଭଞ୍ଜ ଉପମା ଦେଇପାରିଥାନ୍ତେ । ପୁରାଣ ବର୍ଣ୍ଣିତ, ରମ୍ଭା, ମେନକା, ଉର୍ବଶୀଠାରୁ ଅଧିକ ସୁନ୍ଦରୀ ମଧ । ରୂପ ସାଙ୍ଗକୁ ନାମଟି ମଧ ଯୁକ୍ତିସଙ୍ଗତ । ଅତନୁବାବୁ ମନେ ମନେ ଭାବୁଥାନ୍ତି, ଏପରି ଅପରୂପା ଅନିନ୍ଦ୍ୟ ସୁନ୍ଦରୀ ଉଚ୍ଚଶିକ୍ଷିତା କୋଟିପତିର କନ୍ୟା ସାର୍‌ଙ୍କୁ ପସନ୍ଦ କଲେ କେମିତି ? କାରଣ ଅମିୟବାବୁ ଥିଲେ ରଙ୍ଗରେ କଳା, ଦୁର୍ବଳ, ସ୍ୱାସ୍ଥ୍ୟ ବିଶେଷ ଧନୀଘର ମଧ ନୁହେଁ ।

ଖାଇସାରିବା ପରେ ଅନୁପମା ଦେବୀ କହିଲେ, ତୁମେ ଟିକେ ରେଷ୍ଟ୍ ନିଅ । ମୁଁ ଖାଇସାରିଲେ ତୁମକୁ କେତୋଟି କଥା ପଚାରିବି । ଖରାବେଳରେ କାହିଁକି ଯିବ

? ବାବୁଙ୍କୁ ଭୟ କରୁଛ କି ? ତୁମେ ତ କହୁଛ ବାବୁ ସନ୍ଧ୍ୟାକୁ ଆସିବେ । ତା'ପରେ ତୁମେ ସେହି ଭଙ୍ଗା ଅଇନାର ଲେଖକ ବୋଲି ଜାଣିଲେ ବାବୁ ବହୁତ ଖୁସି ହେବେ । ସେ ତୁମ କବିତାକୁ ଖୁବ୍ ପ୍ରଶଂସା କରନ୍ତି । ଅତନୁବାବୁ ବାଧ ଶିଶୁଟି ପରି ରହିଲେ । ଅନୁପମା ଦେବୀ ଖାଇସାରି ଅତନୁବାବୁଙ୍କ ପାଖକୁ ଗଲେ । ସେତେବେଳକୁ ଅତନୁବାବୁ ଆଖିବୁଜି କେବଳ ଅନୁପମା ଦେବୀଙ୍କ ରୂପକୁ ଭାବି ହେଉଥାନ୍ତି । ତାଙ୍କର ପୁରୁଷ ମନଟା କୁହୁଳି ଉଠୁଥାଏ । ଖଟ ଉପରେ ବସିପଡ଼ିଲେ ଅନୁପମା ଦେବୀ । ଦେଖିଲେ ଅତନୁବାବୁ ଶୋଇପଡ଼ିଛନ୍ତି । ତାଙ୍କ ପାଖରେ ଏକ ଅସମାପ୍ତ ସଦ୍ୟ ରଚିତ କବିତା ଓ କଲମଟି ପଡ଼ିଛି । ଅନୁପମା ଦେବୀ କୌତୁହଳରେ କବିତାଟି ପଢ଼ିଲେ । କବିତାଟି ଠିକ୍ ତାଙ୍କରି ଉଦ୍ଦେଶ୍ୟରେ ଲେଖା ହେଲାପରି ଅନୁଭବ କଲେ । ସେ ହସିଦେଇ କହିଲେ - କ'ଣ ନିଦରେ ଶୋଇପଡ଼ିଛ ? ଅତନୁବାବୁ ଉଠିପଡ଼ି କହିଲେ, ହଁ, ଟିକେ ନିଦ ହୋଇଯାଇଥିଲା । କ'ଣ ପଚାରିବେ ବୋଲି କହୁଥିଲେ - ପଚାରନ୍ତୁ । ଅନୁପମା ଦେବୀ କହିଲେ, ଆପଣ କୁହନ୍ତୁ ତ - ଜଣେ ନାରୀ ତା'ର ସ୍ୱାମୀଠାରୁ ଯଦି ସ୍ୱୀର ନ୍ୟାଯ୍ୟ ଅଧିକାର ନପାଏ ତା'ହେଲେ କ'ଣ ଚୋପାଏ ସିନ୍ଦୂର, ଦିପଟ ଶଙ୍ଖାକୁ ପାଥେୟ କରି ତା'ର ନାରୀ ଜୀବନକୁ ସାର୍ଥକ କରିପାରିବ ? ବିବାହ ବାସୀରୁ ସ୍ୱାମୀ ସୁଖରୁ ବଞ୍ଚିତା ଜଣେ ନାରୀ କ'ଣ କହି ତା'ର ଯୌବନକୁ ସାନ୍ତ୍ୱନା ଦେବ । ତା'ନାରୀ ଜୀବନର ପୂର୍ଣ୍ଣତା ଆସିବ କିପରି ? ତା'ଦେହ ଆଉ ମନର ଭୋକ ପ୍ରଶମିତ ହେବ କିପରି ? ସେ ଜଣେ କୁଆଁରୀ କନ୍ୟା ବୋଲି ଏ ସମାଜ କ'ଣ ତାକୁ ସ୍ୱୀକୃତି ଦେବ ? ଅତନୁବାବୁ ମନ୍ତ୍ରମୁଗ୍ଧ ପରି ଶୁଣୁଥାନ୍ତି । କିନ୍ତୁ କଥାର କିଛି ତାତ୍ପର୍ଯ୍ୟ ବୁଝିପାରୁ ନଥାନ୍ତି । ଅନୁପମା ଦେବୀ ଲୁହପୋଛି କହିଲେ –

ସେଦିନ ଥିଲା ମୋର ବାସର ରାତି । ଯେଉଁ ରାତ୍ରିଟି ସବୁ ନାରୀଙ୍କ ପାଇଁ ଜୀବନରେ ଥରୁଟିଏ ପାଇଁ ଆସେ । ଯେଉଁ ରାତ୍ରିଟି ପ୍ରତ୍ୟେକ ନାରୀଙ୍କ ପାଇଁ ସ୍ମୃତିର ରାତ୍ରି ହୋଇ ରହିଯାଏ - ଜୀବନର ଶେଷରାତ୍ରି ପର୍ଯ୍ୟନ୍ତ । ଯେଉଁ ରାତ୍ରି ପାଇଁ ଯୌବନ ଆରମ୍ଭରୁ ନାରୀ ଦେଖିଥାଏ ଅନେକ ଆଶା, ଆକାଙ୍କ୍ଷାରେ ସୁନେଲି ସ୍ୱପ୍ନ । ସେହି ରାତ୍ରିର ଆଗମନକୁ ଅପେକ୍ଷା କରି ବସିଥାଏ ମୁଁ ମୋ' ଶାଶୁଘରେ ବେଡ୍ ରୁମ୍‌ରେ କେତେଜଣ ବନ୍ଧୁବାନ୍ଧବ ଝିଅଙ୍କ ସଙ୍ଗରେ । ନଣନ୍ଦ, ଭାଉଜର ସଂପର୍କ ନେଇ ସେମାନେ କେତେ ଥଟ୍ଟାମଜା କରୁଥା'ନ୍ତି । ଚତୁର୍ଥୀ ପିଣ୍ଡ ପକାଇବାକୁ ଆସି ନ ଥାଏ ପୁରୋହିତ । ସମୟ ଅପରାହ୍ନ ଚାରିଟା ହେବ । ହଠାତ୍ ଦାଣ୍ଡରେ ପାଟି ଶୁଭିଲା । ଜାଣିଲି ମୋର ସ୍ୱାମୀ ବଜାରରୁ ଆସୁଥିବା ବାଟରେ ମୋଟର ସାଇକେଲ୍ ଆକ୍ସିଡେଣ୍ଟ ହୋଇଛନ୍ତି । ତାଙ୍କୁ ମେଡ଼ିକାଲ ନେଇଯାଇଛନ୍ତି । ଘର ଲୋକମାନେ କନ୍ଦାକଟା କରି ମେଡ଼ିକାଲ ଦଉଡ଼ିଲେ । ମୋ' ବାସର ରାତିଟା ବାସୀ ହୋଇଗଲା ମୁହୂର୍ତ୍ତକ ମଧ୍ୟରେ । ଭଙ୍ଗାମନ ନେଇ ଅପେକ୍ଷା କରିଲି ସ୍ୱାମୀଙ୍କର ଫେରିବା ବାଟକୁ । ଇତିମଧ୍ୟରେ ବିତିଗଲା ଚାରୋଟି ଦିନ । ଅଷ୍ଟମଙ୍ଗଳା ଦିନ ମୋର ସ୍ୱାମୀ ଆରୋଗ୍ୟ ହୋଇ ଫେରିଲେ ମେଡ଼ିକାଲରୁ । ସେଦିନ ହେବ ମୋର ବାସର ରାତି । ବହୁ ଆକାଙ୍କ୍ଷାର ମନ ନେଇ ସ୍ୱାମୀଙ୍କର ଉପସ୍ଥିତି ପ୍ରତୀକ୍ଷାରେ ପଲଙ୍କରେ ବସି ନୀଳ ଜିରୋ ଲାଇଟ୍‌କୁ ଚାହିଁଥାଏ । ମନରେ ଅସରନ୍ତି ଭାବନା । ଦୁଇଟି ଦେହର ମିଳନରେ ମୋର ଭଙ୍ଗାମନଟି ଯୋଡ଼ି ହୋଇଯିବ, ଆଶା ବୈତରଣୀରେ ଖୁସିର ଉର୍ମି ଦୋଳି ଖେଳୁଥାଏ । ଘର ଭିତରକୁ ପ୍ରବେଶ କଲେ ମୋର ଇହକାଳ, ପରକାଳର ମୁକ୍ତିଦାତା ସ୍ୱାମୀ ଦେବତା ତହସିଲଦାର ଅମିୟ ପଟ୍ଟନାୟକ । ଆଖିରେ ଲୁହ, ଛାତିରେ କୋହ ଭରି ଠିଆହୋଇ ମୋତେ ଅନାଇଁ ରହିଲେ । ତାଙ୍କର ଦୁଇ ଆଖିରୁ ଟପ୍‌ଟପ୍ ଲୋତକ ଝରିପଡୁଥାଏ । ମୁଁ ତାଙ୍କୁ ପ୍ରଥମେ ପ୍ରଣାମ କରି ହାତ ଧରି ନେଇ ପଲଙ୍କରେ ବସାଇଲି । ମନରେ ଅନେକ ପ୍ରଶ୍ନ । ସେ କିନ୍ତୁ ମୋ' ହାତଧରି ପିଲାଙ୍କ ପରି କଇଁ କଇଁ ହୋଇ କାନ୍ଦିବାକୁ ଲାଗିଲେ । ଅନେକ ସାନ୍ତ୍ୱନା ଦେବାପରେ ତାଙ୍କ କଥାରୁ ଜାଣିଲି ଯେ, ଦୁର୍ଘଟଣାରେ ସେ ବାପା ହେବାର କ୍ଷମତା ହରାଇଛନ୍ତି । ସତରେ ଅତନୁବାବୁ ! ମୋର ଭଙ୍ଗାମନଟି ପୁଣି ଭାଙ୍ଗି ଟୁକୁରା ଟୁକୁରା ହୋଇଗଲା । ବାସର ରତିଟି ପାହିଗଲା କାନ୍ଦି କାନ୍ଦି ଦୁଇଜଣଙ୍କର । ଇତିମଧ୍ୟରେ ଦୁଇ ବର୍ଷ ବିତିଗଲାଣି । ଆମେ କେବଳ ସାନ୍ତ୍ୱନା ଦେଇ

ବଞ୍ଚିରହିଛୁ । ତାଙ୍କୁ ଡିଭୋର୍ସ ଦେବାକୁ ସେ ମୋତେ ଅନେକବାର ବୁଝାଇଛନ୍ତି । ମୁଁ କିନ୍ତୁ ରାଜି ହୋଇନାହିଁ । ଅନୁପମା ଦେବୀ ଲୁହ ପୋଛିଲେ । ଅତନୁବାବୁ କହିଲେ, ମ୍ୟାଡାମ୍ ! କ'ଣ କହି ମୁଁ ଆପଣଙ୍କୁ ସାନ୍ତ୍ୱନା ଦେବି, କ'ଣ କଲେ ଆପଣଙ୍କ ଦୁଃଖ ଲାଘବ ହେବ, ମୁଁ କିଛି ଭାବିପାରୁନାହିଁ । କିନ୍ତୁ ମୁଁ ଏତିକି କହିବି – ଦୃଢ଼ ମନୋବଳ ନେଇ ଆପଣ ବଞ୍ଚି ରୁହନ୍ତୁ । ସମୟ ବଳବାନ୍ । ଈଶ୍ୱର ଚାହିଁଲେ ଆପଣଙ୍କ ଭଙ୍ଗାମନ ପୁଣି ଯୋଡ଼ି ହୋଇଯିବ । ସବୁକିଛି ସମୟ ହାତରେ ଛାଡ଼ିଦିଅନ୍ତୁ । ଏବେ ମୁଁ ଆସୁଛି ମ୍ୟାଡାମ୍ । କ୍ଷମା କରିବେ । ମୁଁ ଆପଣଙ୍କୁ କିଛି ସାହାଯ୍ୟ କରିପାରୁନି । ନମସ୍କାର । ଅତନୁବାବୁ ଚାଲିଗଲେ । ତାଙ୍କର ଯିବା ପଥକୁ ଚାହିଁ ରହିଥାନ୍ତି ଅନୁପମା ଦେବୀ । କିଛି ଭାବୁଥିଲେ ମନରେ ।

ସେହି ଦିନଠାରୁ ଅତନୁବାବୁ ସମୟେ ସମୟେ କୌଣସି କାମରେ ଆଳ ଦେଖାଇ ଅନୁପମା ଦେବୀଙ୍କ ପାଖକୁ ଯାଆନ୍ତି । ବେଶ୍ କିଛି ସମୟ ହସଖୁସିରେ ବିତିଯାଏ । କିନ୍ତୁ ଅତନୁବାବୁ ଲକ୍ଷ୍ୟ କରନ୍ତି, ଅନୁପମା ଦେବୀ ଦିନକୁଦିନ ତାଙ୍କର ନିକଟତମ ହେବାକୁ ଚେଷ୍ଟା କରୁଛନ୍ତି । ହଠାତ୍ ଦିନେ ଛୁଟି ନେଇ ଅତନୁବାବୁ ଗାଁ'କୁ ଚାଲିଗଲେ । ଆଉ ଫେରିଲେ ନାହିଁ । କିଛିଦିନ ପରେ ଅନୁପମା ଦେବୀ ଜାଣିବାକୁ ପାଇଲେ ଯେ, ଅତନୁବାବୁ ଚାକିରିରୁ ଇସ୍ତଫା ଦେଇଛନ୍ତି । ଦୁଃଖ ମନରେ ଭାବିବାକୁ ଲାଗିଲେ – ଅତନୁବାବୁ ଚାକିରି ଛାଡ଼ିବାର କାରଣ ସେ ନୁହଁନ୍ତି ତ ?

ମନୋହରପୁର ତହସିଲ । ଆଜି ସମସ୍ତ ବିଭାଗର କର୍ମଚାରୀମାନେ ଚଳଚଞ୍ଚଳ, ଅସ୍ତବ୍ୟସ୍ତ । ନୂଆ ତହସିଲଦାର ଜଏନ୍ କରିବେ । ସେ ପୁଣି ଜଣେ ମହିଳା । ଅପରାହ୍ନ ଚାରିଟା । ଗେଟ୍ ପାଖରେ ପହଞ୍ଚିଲା ତହସିଲଦାରଙ୍କ ଗାଡ଼ି । ସମସ୍ତ କର୍ମଚାରୀ ଉଠିଆସି ଅଭିବାଦନ ଜଣାଇଲେ ନୂଆ ତହସିଲଦାରଙ୍କୁ । ତା'ପରେ ବୃଦ୍ଧ ହେଡ୍ କିରାଣି (ବଡ଼ବାବୁ) ତାଙ୍କୁ ସଙ୍ଗରେ ନେଇଗଲେ କ୍ୱାର୍ଟରକୁ । ଅଫିସ୍ ପିଅନ ଜିନିଷପତ୍ର ରଖିଦେଇ ଚାଲିଗଲା । ଅଫିସ୍‌ଛୁଟି ପରେ ହେଡ୍ କିରାଣି ବୃଦ୍ଧ ଅନିମେଶ ବାବୁ ଯାଇ ତହସିଲଦାର ଅନୁପମା ଦେବୀଙ୍କୁ କହିଲେ, ସାର୍ ! ଆପଣ ମୋର ଉପର ଅଫିସର ହେଲେ ବି ମୋ' ଝିଅ ବୟସର । ମାଉସୀ କହିଛି, ଆପଣ ଆଜି ଆମ ବସାରେ ଗଣ୍ଡେ ଖାଇଦେବେ । କାଲିଠାରୁ ଆପଣ ଆପଣଙ୍କ ବ୍ୟବସ୍ଥା କରିବେ । ଅନୁପମା ଦେବୀ କହିଲେ – ମଉସା ! ଆଜି କାହିଁକି, ମୁଁ ସବୁଦିନ ଆପଣଙ୍କ ବସାରେ ଖାଇବି । ମୁଁ ମଧ ମାଉସୀଙ୍କୁ ରୋଷେଇରେ ସାହାଯ୍ୟ କରିବି ।

ରାତି ଦଶଟା । ଅନିମେଶବାବୁ ଓ ଅନୁପମା ଦେବୀ ଖାଇସାରି ବାରଣ୍ଡାରେ ବସି କଥା ଆରମ୍ଭ କଲେ । ଅନିମେଶବାବୁ ପଚାରିଲେ, ମାଆ ! ତୁମର ଶାଶୂଘର ଆଉ ବାପଘର କଥା କିଛି କହିଲନି ତ ? ଏହାଶୁଣି ଅନୁପମା ଦେବୀ କହିଲେ, ମଉସା ! ଏ ଦୁନିଆରେ ମୋର ନିଜର ବୋଲି କେହି ନାହିଁ । ବାପା ବୋଉ ଦୁଇବର୍ଷ ହେଲା ଆରପାରିକୁ ଗଲେଣି । ଭାଇଭାଉଜ ଆମେରିକାରେ ସ୍ଥାୟୀ ବାସିନ୍ଦା ହୋଇ ରହିଗଲେ । ଘରଦ୍ୱାର, ଜମିବାଡ଼ି ସବୁ ବାପା-ସାନବାପାଙ୍କୁ ଦେଇଯାଇଛନ୍ତି । ଆଉ ରହିଲା ଶାଶୂଘର କଥା । ମୋର ସ୍ୱାମୀ ଥିଲେ ଜଣେ ତହସିଲଦାର । ମୁଁ ଓ.ଏ.ଏସ୍ ପାଇଥିଲେ ବି ବିବାହ ପରେ ଚାକିରି କରିବି ବୋଲି ଆଶାଥିଲା । ମୋ' ବିଭାଘରର ଚାରିଦିନ ଅର୍ଥାତ୍ ଚତୁର୍ଥୀ ଦିନରେ ଚତୁର୍ଥୀ ପିଣ୍ଡ ନ ପଡୁଣୁ ଅପରାହ୍ନରେ ମୋ' ସ୍ୱାମୀ ଏକ ମୋଟର ସାଇକେଲ ଦୁର୍ଘଟଣାରେ ସବୁଦିନ ପାଇଁ ବାପା ହେବାର କ୍ଷମତା ହରାଇଲେ । ତାଙ୍କୁ ଛାଡ଼ପତ୍ର ଦେବାକୁ ମୋତେ ବହୁତ ବୁଝାଇଲେ । ମୁଁ କିନ୍ତୁ ରାଜି ହେଲି ନାହିଁ । ମନକୁ ବୁଝାଇ ନିଃସଙ୍ଗ ଜୀବନ କଟାଇଲି । ଦୁଇଟି ବରଷ ବିତିଗଲା ।

ସେଦିନ ଥିଲା ରବିବାର । ସେ ବସାରେ ବସି କିଛି ଅଫିସ୍ କାମ କରୁଥିଲେ । ମୁଁ ବାରଣ୍ଡାରେ ବସି ମୋ ଜୀବନର ଅତୀତ, ଭବିଷ୍ୟତର ପୃଷ୍ଠା ଲେଉଟାଉଥିଲି । ହଠାତ୍ ସେ ଯାଇ ମୋ ପାଖରେ ଠିଆହେଲେ । ମୁଁ ତାଙ୍କୁ ଅନାଇଲି । ମୋ' ଆଖିରୁ ଦୁଇଟୋପା ଲୁହ ଝରିପଡ଼ିଲା । ସେ ଦେଖିଲେ କିନ୍ତୁ କିଛି କହିଲେ ନାହିଁ । ପୁଣି ଯାଇ ତାଙ୍କ କାମରେ ଲାଗିଲେ । ରାତି ଦଶଟା ହେବ । ଖାଇପିଇ ଶୋଇଲୁ । ରାତି ଦୁଇଟା ହେବ ମୋ' ନିଦ ଭାଙ୍ଗିଗଲା । ଜାଣିଲି, ମୋ ପାଖରେ ସେ ନାହାନ୍ତି । ଲାଇଟ୍ ଜାଳି ଦେଖିଲି ସେ ଫ୍ୟାନ୍‌ରେ

ଫାଶୀ ଦେଇ ଆତ୍ମହତ୍ୟା କରିଛନ୍ତି । ପୁଲିସକୁ ଖବର ଦେଲି । ପୁଲିସ୍ ଆସି ଶବ ଉଦ୍ଧାର କଲା । ତାଙ୍କ ପାଖରୁ ଖଣ୍ଡେ ଚିଠି ପାଇଲା ପୁଲିସ । ସେଥିରେ ଲେଖାଥିଲା -

ସ୍ନେହର ଅନୁ,

ତୁମ ନିଃସଙ୍ଗ ଜୀବନର ଦୁଃଖକୁ ମୁଁ ସହ୍ୟ କରି ନ ପାରି ବହୁତ ଚିନ୍ତାକରି ଶେଷରେ ଆତ୍ମହତ୍ୟା କଲି । ମୋର ତ ଦୁନିଆରେ କେହି ନାହାନ୍ତି କି ମୋ'ଜୀବନର ମଧ୍ୟ କିଛି ମୂଲ୍ୟ ନାହିଁ । ମୁଁ ରୋଜଗାର କରୁଥିବା ଧନ କ'ଣ ହେବ ? ପରନ୍ତୁ ମୋ' ଲାଗି ତୁମର ମୂଲ୍ୟବାନ୍ ଜୀବନଟି ନଷ୍ଟ ହେଉଛି । ଏଣୁ ମୋର ଆତ୍ମହତ୍ୟା ପାଇଁ କେହି ଦାୟୀ ନୁହଁନ୍ତି । ମୋର ଶେଷ ଅନୁରୋଧ ରକ୍ଷାକରି ତୁମେ ଆଉଥରେ ବିବାହ କରି ତୁମର କୁଆଁରୀ ଜୀବନକୁ ସାର୍ଥକ କଲେ ମୋର ଅମର ଆତ୍ମା ସେପାରିରେ ଶାନ୍ତି ପାଇବ । ମୋର ମୃତ୍ୟୁ ଖବର ପାଇ ପୁଲିସ ଆସିବ । ତୁମକୁ କେତେ କଥା ପଚାରିବ । ଏଣୁ ମୁଁ ଉକ୍ତ ପତ୍ରରେ ସବୁକଥା ଲେଖିଦେଇ ଯାଉଅଛି । ଆଉମଧ୍ୟ ମୋର ବିଭାଗୀୟ ଉଚ୍ଚ କର୍ତ୍ତୃପକ୍ଷଙ୍କୁ ଅନୁରୋଧ କରି ଏହି ଘୋଷଣାନାମା ଲେଖିଦେଇଯାଉଛି ଯେ ଘୋଷଣା ପତ୍ର -

ମୁଁ ତହସିଲଦାର ଅମିୟ ପଟ୍ଟନାୟକ କହୁଛି । ଆଜି ତା ୧୮.୧୦.୧୯୮୯ ରିଖ ରବିବାର ରାତ୍ରି ଘ.୧.୩୦ ମିନିଟ୍ ସମୟରେ ସ୍ୱଇଚ୍ଛାରେ ଆତ୍ମହତ୍ୟା କରୁଅଛି । ମୋ' ମୃତ୍ୟୁ ପାଇଁ ମୋ'ସ୍ତ୍ରୀ କିମ୍ବା ଅନ୍ୟ କୌଣସି ବ୍ୟକ୍ତି ଦାୟୀ ନୁହନ୍ତି । ବିଭାଗୀୟ ଉଚ୍ଚ କର୍ତ୍ତୃପକ୍ଷ ତଥା ଓଡ଼ିଶା ସରକାରଙ୍କୁ ଅନୁରୋଧ କରୁଅଛି – ମୋ' ଚାକିରୀ ପରିବର୍ତ୍ତେ ମୋ' ସ୍ତ୍ରୀ ଅନୁପମା ପଟ୍ଟନାୟକଙ୍କୁ ଉକ୍ତ ଚାକିରି ଦିଆଯାଉ ।

॥ ଇତି ॥

ଅମିୟ ପଟ୍ଟନାୟକ

ତହସିଲଦାର, ବଳଙ୍ଗା

ତା ୧୮.୧୦.୮୯ (ରବିବାର)

ଅନୁପମା ଦେବୀ ଲୁହ ପୋଛିଲେ । କହିଲେ - ମୋ କଥା ତ ଶୁଣିଲେ । ଆପଣଙ୍କ କଥା ତ କିଛି କହିଲେନି ? ଅନିମେଶବାବୁ କହିଲେ ହଁ ମା' ମୋର ଗୋଟିଏ ବୋଲି ପୁଅ ଅତନୁ । ଅତନୁ ମହାପାତ୍ର । ଏହି ବ୍ଲକ୍‌ରେ ବି.ଡି.ଓ ହୋଇଛି । ଆଗରୁ ତହସିଲରେ ଚାକିରୀ କରୁଥିଲା ଓ.ଏ.ଏସ୍. ପାଇବା ପରେ ସେ ଚାକିରି ଛାଡ଼ିଦେଲା । ହଉ, ରାତି ଅନେକ ହେଲାଣି । ଶୋଇବ ଯାଅ । ପରେ ସବୁକଥା କହିବି । ମୋ' ମତରେ ତୁମ ସ୍ୱାମୀଙ୍କର ଅନ୍ତିମ ଅଭିଳାଷ ପୂରଣ କରିବା ତୁମର କର୍ତ୍ତବ୍ୟ ଓ ଉଚିତ୍ ମଧ୍ୟ । ଯାହାଦ୍ୱାରା ଏ ସମାଜ ତୁମଠାରୁ କିଛି ଶିକ୍ଷା ପାଇବ ଓ ସମାଜରୁ କିଛିଟା କୁସଂସ୍କାର ସହିତ ହୀନମନ୍ୟତା ଦୂର ହେବ।


ଆଜି ମନୋହରପୁର ତହସିଲ ଉତ୍ସବ ମୁଖର । ସମସ୍ତ କର୍ମଚାରୀ କାର୍ଯ୍ୟରତ । ଚାରିଦିନ ପୂର୍ବରୁ ଅନୁପମା ଦେବୀଙ୍କର ବି.ଡି.ଓ. ଅତନୁ ମହାପାତ୍ରଙ୍କ ସହିତ କୋର୍ଟ ଏବଂ ମନ୍ଦିରରେ ବିବାହ କାର୍ଯ୍ୟ ସମ୍ପନ୍ନ ହୋଇଯାଇଛି । ଆଜି ଚତୁର୍ଥୀ । ପୁଣି ଆଉ ଏକ ନୂଆ ମନ ସହିତ ଯୋଡ଼ି ହେବାକୁ ଯାଉଛି ଅନୁପମା ଦେବୀଙ୍କର ପୂର୍ବର ସେ ଅତୃପ୍ତ ଭଙ୍ଗମନଟି ।


POWER HOUSE

DISTRIBUTOR

LUMINOUS, EXIDE, AMCO

MADHUPATNA, SAMRAT HALL, CUTTACK
RAM MANDIR ROAD, PHULBANI
MAIN ROAD, NAYAGARH
MOB. : 94371 24943



# କଣ୍ଢାଡାହାଣୀ

- ଧନେଶ୍ୱର ବେହେରା

ମେଳାର ମଜାନେଇ ଛୋଟପିଲା, ମାଇପି, ମରଦ ଆମ୍ବତୋଟା ଦେଇ ଫେରୁଥାନ୍ତି । ଛୋଟପିଲାମାନେ ନାନା ପ୍ରକାରର ପେଁକାଳି ବଜାଇ ବାଟଘାଯ କମ୍ପାଉଥାନ୍ତି । ଯେତେ ମନାକଲେ ବି ସେମାନଙ୍କୁ ବନ୍ଦକରି ହେଉନି । ଜିଦାଜିଦିରେ ନିଜ ରାହା ଥିବାପର୍ଯ୍ୟନ୍ତ ଫୁଙ୍କି ଚାଲିଥାନ୍ତି ପେଁକାଳି । କାନଅତରା ପଡ଼ିଯାଉଥାଏ । ଅନ୍ଧାରିଆ ରାସ୍ତାରେ ଯଦି ଭୁତକି ପ୍ରେତଥିବେ ସେମାନେ ଏ ଶବ୍ଦଶୁଣି ଭୟରେ କୁଆଡେ ଡିଆଁମାରିବେ ତାର ଠିକଣା ନଥିବ । ଟିକିଏ ପୂର୍ବରୁ ବର୍ଷା ଅସରାଏ ହେଇଥିଲା ଯେ କରକଟା ରାସ୍ତାରେ ଯେଉଁଖାଲଗୁଡାକ ଥିଲା ପାଣିଫୁଲ୍ । ପିଲାଗୁଡାକ ସିନା ପାଣିଭିତରେ ଡେଇଁ ଡେଇଁ ବାହୁଣୀବେଙ୍ଗ ଭଳି ଚାଲିଯାଉଛନ୍ତି କିନ୍ତୁ ବୁଢ଼ାବୁଢ଼ିମାନେ ବେଳେବେଳେ ନାଥଉକିନା ପଡି ଇଲୋ ମାଲୋ ରଡ଼ି କରୁଥାନ୍ତି । ଖାଲରେ ପଡିଥିବା ବୁଢ଼ାବୁଢ଼ିପାଖକୁ ପିଲାମାନେ ଧାଇଁ ଆସି ପେଁକାଳି ବଜାଇବାରୁ ବିରକ୍ତି ହୋଇ ଗାତପଶା, ବାଡ଼ି ତମକୁ ନେଉରେ, ଗାଳି ଶୁଣିବାକୁ ମିଳୁଛି । ଏମିତି ଏକ ଅଜବ ମୁହୂର୍ତ୍ତ ସମସ୍ତେ ଭାଗିଦାର ହୋଇ ଘରମୁହାଁ ହୋଇଥାନ୍ତି । ହଠାତ୍ କ'ଣ ହେଲା କେଜାଣି ପେଁକାଳି ରଡ଼ି ବନ୍ଦ ହୋଇଯିବା ସହ, ସବୁ ଛୁଆଗୁଡ଼ାକ ହେଁକଡ଼ ଭାଙ୍ଗିଗଲା ପିର ସମସ୍ତେ ଆସି ବାପା, ମା' ପାଖରେ ଠେସି ହୋଇ ଚାଲିଲେ । ମନେହେଉଥାଏ , ଏଥର ଯେମିତି ସବୁ ଶୁନ୍‌ସାନ୍ । କେହିଜଣେ ମାଇପିଥିଲା କହିଲା -

– ଏ ଛୁଆଏ ! ସବୁ ପଳେଇ ଆସ, ଆଗରେ କଣ୍ଢା ଡାହାଣୀ ଅଛି । ଦେଖିଲେ କିମିଆ କରିଦେବ ।

ହଠାତ୍ ପିଲାମାନେ ଚିତ୍ରପ୍ରତିମା ପ୍ରାୟ ନିସ୍ତେଜ ହୋଇ ଚାଲିଲେ । ବୁଦାଳିଆ ଭଇଁଚ କଣ୍ଟା, ଅପନ୍ତରା ଯାଗା, ଆଲୁଅ ନାହିଁ । କିନ୍ତୁ ଗୋଟିଏ ଚାଳିଆଘର ଭିତରୁ ଡିବିରି ଆଲୁଅଟି ଦେଖା ଯାଉଥାଏ । ସେଇଘର ଦେଇ ଯେତେବେଳେ ଲୋକମାନେ ଗଲେ ସେତେବେଳେ କେହିକେହି କହିଲେ -

– ଆଲୋ ଏ ଡାହାଣୀ ! ଶୋଇଲୁଣି କିଲୋ ପୁତଖାଇ, ଘଇତା ଖାଇ, ତୋତେ ମରଣ ହେଉନି କାହିଁକି ?

ଏଇ କଥା ପଦକ ଶୁଣି କେହିଜଣେ ଘରଭିତରୁ ବାହାରି ଆସିଲା ପରିମନେହେଲା । କବାଟର କେଁ କାଁ ଶବଦରେ ଛୋଟ ଛୁଆଗୁଡ଼ାକ ଭୟ ପାଇଲାଭଳି ଜଣାଯାଉଥାଏ । ସମସ୍ତେ ଚାଲିଗଲାପରେ ଘରଭିତରୁ ବେଶ୍ ଧୀରେ ଧୀରେ ବାହାରିଲା ବାସନ୍ତୀ, ବୟସ ୩୫ । ଦୁଇଦିନହେଲା ଖିଆ ନାହିଁ କି, ପିଆ ନାହିଁ । ସମସ୍ତେ ମେଳାଦେଖିବାକୁ ଯାଆନ୍ତି କିନ୍ତୁ ତା ପାଇଁ ମନା, ଡିବିରି ଆଲୁଅଟିକୁ ଧରି ବାହାରେ କିଛି ସମୟ ବସିଲା । ଡିବିରିଟାରେ କାଚ ନାହିଁ ଯେ ପବନ ନିଭାଇଦେବାକୁ ଚେଷ୍ଟା କରୁଛି । କିନ୍ତୁ ସେ ତା'ର ଫଟା କଣତକାନିରେ ପବନକୁ ରୋକିବାକୁ ଚେଷ୍ଟାକରୁଛି । ଲୋକମାନେ କୁହାକୁହି ହେଉଥିବା କଣ୍ଢାଡାହାଣୀଇ ହେଉଛି ବାସନ୍ତୀ । ସେ ମନେ ମନେ ଚିନ୍ତା କରୁଥାଏ ତା'ର ଭୁଲ୍ ରହିଲା କେଉଁଠି । ସେ ତ ତା' ବା' ମା'ର ଗୋଟିଏ ବୋଲି ଝିଅ । କେତେ ସେରନ୍ତାରେ ବଢ଼ିନଥିଲା । ମା' କହୁଥିଲା କେତେ ଦିଅଁ ଦେବତାରେ ତାକୁ ପାଇଥିଲା । ଏକୋଇଶା ଦିନ ବାଦିବାଲା ହୋଇଥିଲା । ଗାଁ ଯାକର ଲୋକ ପତର ପାରି ଭୋଜି ଖାଇଥିଲେ । ଗାୟକ ନା ରଖିଥିଲା ବାସନ୍ତୀ । ପାଠପଢ଼ିବାକୁ ଇସ୍କୁଲକୁ ଯାଇଥିଲି । ଇସ୍କୁଲର ସବୁ ଶ୍ରେଣୀ ନପଢ଼ିଲେ କ'ଣ ହେବ, ଭାଗବତ ବହି ପଢ଼ି ଶିଖିଛି । ପିଲାଦିନେ ଭାରିଲାଜକୁଳି ଥିଲିବୋଲି ସମସ୍ତେ ଲାଜେଇ ଡାକୁଥିଲେ । ଭାରି ସ୍ନେହ କରୁଥିଲେ । ଚିତା ପକାଇ ଜାଣିଥିଲି ବୋଲି ଗାଁର ଅଧେ ଘର ମାଣବସା ଦିନ ଚିତାପକାଉଥିଲି । ବାସନ୍ତୀ, ବାସନ୍ତୀ ସମସ୍ତେ ଡାକ ପକାନ୍ତି । କିନ୍ତୁ ଆଜି ହଠାତ୍ ସେ ସ୍ନେହବୋଲା ଡାକ

ବଦଳରେ "କଞ୍ଚା ଡାହାଣୀ" ଶବଦଟା ବେଶ୍ ବାଧୁଥିବାର ବାସନ୍ତୀ ଅନୁଭବ କଲା । ଡିବିରି ଆଲୁଅର ଶିଖାଟିକୁ ଟିକିଏ ତେଜଦେଇ ଶିଖାର ନାଲି ଆଲୁଅରେ ତା'ଜୀବନ ପରସ୍ତ ପରସ୍ତ ଦୁଃଖକୁ ଅନୁଭବ କରୁଥାଏ ।

ସେଦିନଥାଏ ପୂର୍ଣ୍ଣମୀ, ଚାରିଆଡେ ଜହ୍ନଆଲୁଅରେ ଧୋବ ଫରଫର ଦେଖାଯାଉଥାଏ । ନାଲି ମାଟିର କାନ୍ଥରେ ପଡ଼ିଥିବା ଚିତାଗୁଡ଼ାକ ବେଶ୍ ଜକ୍ ଜକ୍ ଦେଖାଯାଉଥାଏ । ମନେହେଉଥାଏ କାନ୍ଥରେ କିଏ ସତେ ଚିତ୍ର ଆଙ୍କି ଦେଇଛି । ବା' ମା'ର ଡାକ ପଡୁଥାଏ ବାସନ୍ତୀ ତିଆର ହେଲାଣି କି ନାହିଁ । ବାସନ୍ତୀର ମନଖୁସିରେ ଫାଟି ପଡୁଥାଏ । ଗାଁ ମୁଣ୍ଡରେ ଗଛବାଣର ଶବ୍ଦରେ ପ୍ରକମ୍ପିତ ହେଉଥାଏ । ଢ଼ୋଲ କାଠବାଇଦ ଓ ଚାଙ୍ଗୁବାଜାର ଶବ୍ଦ ଯେତେ ପାଖେଇ ଆସୁଥାଏ ବାସନ୍ତୀ ମନରେ ସେତେ ଛନକା ପସୁଥାଏ । ଧୀରେ ଧୀରେ ପାଲିଙ୍କି ଆସି ତା' ଘର ଆଗରେ ରହିଲା । ମାଇପିମାନଙ୍କର ହୁଳହୁଳି ସ୍ୱର କାନଅତଡ଼ା ପକାଉଥାଏ । ବ୍ରାହ୍ମଣ ନିଜର ବାଟ କାମସାରି ଜୁଆଁଇ ପୁଅକୁ ଘରକୁ ନେଇ ଆସିଲେ । ତା'ପରେ ବେଦୀରେ କର୍ମ ପଢ଼ାଗଲା । ବାସନ୍ତୀ ନିଜର ଓଢ଼ଣା ତଳେ କଇଁ କଇଁ ହୋଇ କାନ୍ଦୁଥାଏ ନିଜର ବା' ମା' ଙ୍କ କଥା ଭାବି ଭାବି । ସେ ଚାଲିଗଲା ପରେ ତା' ବା'ମା'ର ସାହା କିଏ ହେବ ? କ'ଣ କରିବ ଝିଅ ଜନମତ ପରଘରକୁ । ତା' ପରଦିନ ସବାରୀରେ ବସି ବାସନ୍ତୀ ପାଖ ଗାଁକୁ ବୋହୂହୋଇ ଗଲା । ନିଜର ମନର ରାଜକୁମାର ନିଧିକୁ ପାଇ ବେଶ୍ ଖୁସିରେ ଜୀବନ କଟାଉଥାଏ । ବର୍ଷେ ହୋଇଛି କି ନାହିଁ ବୁଢ଼ା ମା' ବା' ଦିଟା ଆର ପାରିକି ଟିକେଟ କାଟିଦେଲେ । ବା'ମା'ର ସ୍ନେହ ମନେ ପଡିଗଲେ ବିଚାରୀ ବେଳେ ବେଳେ ରାତିଯାକ ବସି କାନ୍ଦେ । କିନ୍ତୁ ନିଧି ବୁଝାସୁଝା କଲେଯାଇ ବାସନ୍ତୀ ଶୁଏ । ଏମିତି କିଛି ଦିନପରେ ବାସନ୍ତୀ ଅନ୍ତଃସତ୍ତ୍ୱା ହୁଏ । ଖୁସି ନକହିଲେ ଚଳେ । କାରଣ ବାହାଘରର ୫ବର୍ଷ ପୁରିଯାଇଥିଲେ ବି ପିଲାଛୁଆ ହେଉନଥିବାରୁ ଗାଁର ମାଇପି ଗାଧୁଆ ତୁଠରେ ବାସନ୍ତୀକୁ ଦେଖେଇ ଅନେକ କଥା କୁହନ୍ତି, କିଏ କୁହେ –

– ଏଟା ଗୋଟେ କର୍କଟି ବାଞ୍ଝ, ଇଆ ମୁହଁ ଦେଖିଲେ ଅଶୁଭ, ଛି ଛି ଛି....

ବାସନ୍ତୀ କିନ୍ତ ଏବେ ବହୁତ ଖୁସି, ତା'ର ଛୁଆଟିଏ ହେବ । ତା କୋଳ ଭରିହେବ । ଭଗବାନ ତା'ର ଦୁଃଖ ଶୁଣିଲେ, ବଂଶ ରକ୍ଷାହେବ । ନିଧି ମଧ ଆହୁରି ଖୁସି, ଦଶମାସପରେ ବାସନ୍ତୀର ଗୋଟିଏ ପୁଅ ହେଲା । ଦେଖିବାକୁ ବେଶ୍ ଡଉଲ ଡାଉଲ । ଗାଁର ସବୁ ମାଇପି ଆସି ଦେଖିକି ଯାଆନ୍ତି । ବୁଢ଼ୀମାନେ ଆଶୀର୍ବାଦ ଦିଅନ୍ତି ।

– ଛୁଆଟାକୁ ଭଗବାନ ଆଇଷ ପରମାୟୁ ଦେଇଥାନ୍ତୁ ।

ପିଲାଟା ବର୍ଷକର ହୋଇଛି କି ନାହିଁ , ତା'ର ଝାଡ଼ାହେଲା । ଡାକ୍ତରଖାନରୁ ଔଷଧ ଆଣି ଦେଲା । କିନ୍ତୁ ଭଲ ହେଲା ନାହିଁ । ଗାଁ ପାଖରେ ଯେତେ କାଳିସୀ ଥିଲେ ସମସ୍ତଙ୍କ ପାଖରେ ନେଇ ଝାଡ଼ିଲା । ନିଧିଆ, ବାସନ୍ତୀ ରାତି ତମାମ୍ ଶୁଅନ୍ତି ନାହିଁ, କେବଳ ପୁଅ ଚିନ୍ତା, କିନ୍ତୁ ନରହିବା ଧନ ରହିବ ବା କୁଆଡୁ । ଭଗବାନ ତାକୁ ଆରପାରିକି ନେଇଗଲେ । ବିଚରା ପୁଅକୁ ପାସୋରୀ ବାସନ୍ତୀ ପାଗେଳି ଭଳି ହେଲା । ନିଧି ଯେତେ ବୁଝାଇଲେ କି ତା'ର ଯେତେବେଳେ ଛୁଆଟାର ଡଉଲ ଡାଉଲ ଚେହେରାଟା ମନେ ପଡିଯାଏ ଅସରାଏ ଦିଅସରା ପୁଅ କଥାକହି ବାହୁନି କାନ୍ଦେ । ଗାଁ ମାଇପିମାନେ ବି କହନ୍ତି –

– ବ୍ୟସ୍ତ ହଅନା ଲୋ ବାସନ୍ତୀ ! ଭଗବାନ କଲେ ଆର ବରଶ ଏତେବେଳକୁ ତୋ କୋଳରେ କୁଆଁ କୁଆଁ ଶୁଭିବ ।

କିନ୍ତୁ ବାସନ୍ତୀ ଯେଉଁଠି ବସେ କେବଳ ତା' ପୁଅ କଥାଭାବେ । ଏତିକିରେ ବୋଧେ ତା' ଦୁଃଖ ଯାଇନଥିଲା । ଦିନେ ନିଧିଆ ହଳ କରିବାକୁ ବିଲକୁ ଯାଇଥାଏ । ତାକୁ ଗୋଟାଏ ସାପ କାମୁଡ଼ି ଦେଲା । ବିଲରୁ ହୁଡା ପାଖକୁ ଆସିଛି କି ନାହିଁ ସେଇଟି ଫେଣ ଗଜ ଗଜ ହୋଇ ସଫା । ଲୋକମାନେ ବିଲରୁ ନିଧିଆକୁ ଘରକୁ ଟେକି ଆଣିଲେ । ବିଚାରୀ ବାସନ୍ତୀ ଏସବୁ ଦେଖି କାଠଭଳି ଘର କଣରେ ପଡିରହିଥାଏ । ଆଖିରୁ ତା'ର ଟିକେ ଲୁହ ଗଡୁନଥାଏ । ସାଇ ମାଇପିଏ ନିଧି ପୋଡାହେଲା ପରେ ବାସନ୍ତୀକୁ ନେଇ ପୋଖରୀ

ତୁଠରେ କାଚବାଡେଇ ରାଣ୍ଡ କରି ଦେଇଥିଲେ । ସେତେବେଳେକୁ ତା'ର ନିଜରବୋଲି ଆହା ପଦେ କରିବାକୁ ବି ନଥାନ୍ତି । ସେ ମନେ ମନେ ଚିନ୍ତାକରୁଥାଏ ଏତେବଡ଼ ସଂସାରରେ ସେ କେମିତି ବଞ୍ଚିବ । ବରଂ ମରିଯିବାଟା ଭଲ, କିନ୍ତୁ ଦୁଇ ଦୁଇଥର ରଶି ଦେଇଛି ହେଲେ ମରଣ ହେଲାନି ।

ସାଇରେ କିଛିଦିନ ରହିଛି କି ନାହିଁ । ଯେଉଁଦିନ ଯଦି କାହାପିଲାଙ୍କର ଝାଡ଼ାବାନ୍ତି ହେଲା, ସବୁ ଦୋଷ ବାସନ୍ତୀ ଉପରକୁ ଆସିଥାଏ । ଗାଁ ଲୋକଙ୍କ ମତରେ ବାସନ୍ତୀ ବୋଧେ ଦେଖିଦେଇଛି, ସେଥିପାଇଁ ପିଲାଟା ଝାଡ଼ାବାନ୍ତି ବନ୍ଦ ହେଉନି । ପିଲାକୁ ନେଇ ଗାଁ କାଳିସୀ ପାଖକୁ ଯାଆନ୍ତି, କାଳିସୀ କହେ -

– ଏ ପିଲା ଉପରେ ଗୋଟେ ଖରାପ ମାଇକିନାର ନଜର ପଡିଛି, ଭଲ କରିଛ ଶୀଘ୍ର ନେଇ ଆସିଛ । ନହେଲେ ଆଉ ପୁଅକୁ ପାଇନଥାନ୍ତ ।

କାଳିସୀ କଥାରେ ସମସ୍ତେ ବାସନ୍ତୀକୁ ଡାହାଣୀ ବୋଲି କହନ୍ତି । ଶେଷକୁ ଗାଁ ଲୋକେ ସ୍ଥିର କଲେ ବାସନ୍ତୀକୁ ଗାଁରୁ ବାହାର କରି ଦେବାକୁ । ସତକୁ ସତ ସେଇଆ ହେଲା ।

ଥିଲା ଥିଲା କେଉଁଆଡୁ ଦଲକାଏ ପବନ ଆସି ଡିବିରିଟା ଲିଭିଗଲା । ବାସନ୍ତୀ ପ୍ରକୃତିସ୍ଥ ହୋଇ ତା ଆଖିରୁ ବୋହୁଥିବା ଲୁହଧାରକୁ ପୋଛିଦେଇ ଘର ଭିତରକୁ ଯାଇ ଦିଆସିଲି ଖୋଜୁଥାଏ । ସେ ଅନୁଭବ କଲା କେହି ଜଣେ ଘର ଭିତରେ ଥିବାର । ସେ ଯେତେ ଚିତ୍କାର କରି କିଏ କିଏ ବୋଲି ପଚାରୁଥାଏ, କିଛି ଉତ୍ତର ନଥାଏ । ହଠାତ୍ ଅନୁଭବ କଲା କଳା ମଚ ମଚ ଦିଟା ହାତ ତାର ପାଟିକୁ ଚାପିଧରି ତା'ର ଦୁର୍ବଳ ଦେହ ଉପରେ ବଳକସି ଚାଲିଲା । ତା'ପରେ ତାକୁ ଚାଳିଆ ଘର ଭିତରକୁ ଫୋପାଡ଼ି ଦେଇ ଚାଲିଗଲା । କିଛି ସମୟପରେ ତା'ର ଚେତା ଆସିବାରୁ ଚାରିଆଡ ଖୋଜିଲା । କିନ୍ତୁ ଚାରିଆଡ ଅନ୍ଧାର ଝିପି ଝିପି ବର୍ଷା ହେଉଥାଏ । ଶେଷକୁ କ୍ଳାନ୍ତଦେହଟାକୁ ଘରଭିତରକୁ ଘୋଷାରି ଆଣି ଶୋଇଗଲା, ମନେ ମନେ ଚିନ୍ତା କରୁଥାଏ, ଡାହାଣୀ ବୋଲି ଗାଁରୁ ତ ତଡିଦେଲେ, ହେଲେ ଡାହାଣୀର ସବୁକିଛି ଶେଷ କରିଦେଲାବେଳକୁ କେମିତି କାର କିଛି ହେଉନି ।

ସକାଳ ହେବାରୁ ସୂର୍ଯ୍ୟ ସୁନେଲି କିରଣ ବିଛାଇଦେଇଥାନ୍ତି । ଚାରିଆଡ ବେଶ୍ ସୁନ୍ଦର ଦେଖାଯାଉଥାଏ । ଗାଁ ଲୋକମାନଙ୍କର ହଳିଆ ଗୀତରେ ବଳଦମାନେ ବୋଲମାନି ଚାଲିଥାନ୍ତି । କେହିଜଣେ ଥିଲା ଥିଲା ଡାକଦେଲା -

– ଏ କଞ୍ଚା ଡାହାଣୀ ! ଆଜି କ'ଣ ଉଠିନୁ କିଲୋ ! ବେଳ ଦି ଘଡ଼ି ହେଲାଣି ପରା ।

ଅଧାପକ, ପଦାର୍ଥ ବିଜ୍ଞାନ

# କୁଳାଙ୍ଗାର

- ଡଃ ନିରୋଦ କୁମାର ମହାନ୍ତୀ

ପୁରୁଣା ଚୌକିରେ ବସି ଭାବିଚାଲିଥାନ୍ତି ନିଜ କିଶୋର ଜୀବନର କଥା - ନରେଶ ବାବୁ । ସେ ଥିଲେ ବାପା, ମା'ଙ୍କର ଏକମାତ୍ର ସନ୍ତାନ । ଯାହା ଅଳିକରିଛନ୍ତି ସବୁକିଛି ପାଇଥିଲେ ଶୈଶବରୁ ଯୌବନ ପର୍ଯ୍ୟନ୍ତ । କଲେଜରେ ପଢ଼ିବାବେଳେ ଯୌବନର ମାଦକତା ତାଙ୍କୁ ବେଶ୍ ସ୍ପର୍ଶ କରିଥିଲା । ନିଜ କ୍ଲାସର ରେଣୁକୁ ମନଦେଇ ଭଲପାଇଥିଲେ । ରେଣୁମଧ ତାଙ୍କୁ ଅନ୍ତରଦେଇ ଚାହିଁଥିଲେ । +୨ ପଢ଼ିବା ସମୟରେ ଉଭୟଙ୍କ ମଧରେ ନିବିଡ଼ ଭଲ ପାଇବା ଥିଲା । ଏଭଳି ଖିଆଲି ଅଭିପ୍‌ସା । ସେ ସମୟର ପିଲାଙ୍କ ମଧରେ ଆସିଥାଏ । ଯାହାଦ୍ୱାରାକି ନରେଶ୍ ପାଠପଢ଼ା ପ୍ରତି ଯେତିକି ଗୁରୁତ୍ୱ ଦେଉନଥିଲେ, ଗୁରୁତ୍ୱ ଦେଉଥିଲେ ଭଲ ପାଇବାକୁ ।

ନୂଆନୂଆ ଫୁଲ୍‌ପ୍ୟାଣ୍ଟ ସାର୍ଟ ପିନ୍ଧା, ତା' ସାଙ୍ଗକୁ ବାଇକ୍ । ତାଙ୍କ ମନ ଆକାଶ ଛୁଉଁଥିଲା । ଜୀବନକୁ ନେଇ ଅଯ୍ଯେସରେ କାଟନ୍ତି ନରେଶ୍ । ଶ୍ରେଣୀକକ୍ଷରେ ଅନେକ ବାର ଅନୁପସ୍ଥିତ ନେଇ ଅଧାପକଙ୍କ ଠାରୁ ଗାଳି ଶୁଣିଛନ୍ତି । ତଥାପି ଦୁଃଖନଥିଲା । କାରଣ ଭଲପାଇବାର ଗୁରୁତ୍ୱ ସାମ୍ନାରେ ଗାଳି ଅମୃତ ତୁଲ୍ୟ ମନେହୁଏ । ତାଙ୍କ ମତରେ "ଭଲପାଇବା କାହାଭାଗ୍ୟରେ ଆସେ ! ଅନେକ ପିଲା କଲେଜ ଆସନ୍ତି କିନ୍ତୁ ଭଲ ପାଆନ୍ତି କେତେଜଣ ? ହାତଗଣତି ଚାରିପାଞ୍ଚ ଜଣ ହେବେ ।"

ପ୍ରେମିକାକୁ ନେଇ ପାର୍କ ବୁଲିବା, ଫିଲିମ୍ ଦେଖିବା, ଘଣ୍ଟା ଘଣ୍ଟାଧରି ଗପିବାରେ ଯେଉଁ ଆନନ୍ଦ ମିଳେ, ତାହାକ'ଣ ପାଠପଢ଼ାରେ ଥାଏ ? ପାଠପଢ଼ାଟା ଭାଣି ବୋରିଂ କଷ୍ଟ ମଧ । ସବୁବେଳେ ବହିପଢ଼ିବା, ପ୍ରାଟିସ୍ କରିବା, ପରୀକ୍ଷା ଦେବା, କିନ୍ତୁ ଭଲପାଇବାରେ ସେ ସମସ୍ତ ନଥାଏ । ଏଭଳି ଏକ

ଜୀବନକୁ ନେଇ ଅଙ୍କ କଷିବା ଖୁବ୍ କମ୍ ଲୋକଙ୍କ ଭାଗ୍ୟରେ ଆସିଥାଏ । କିନ୍ତୁ ଜୀବନକୁ ନେଇ ଆରାମ କରିବାକୁ ବହୁତ ଲୋକ ବ୍ୟସ୍ତ ହୋଇପଡ଼ିଥାନ୍ତି । ଯେତେବେଳେ ଜୀବନରେ କିଛି ଦୁଃଖ ଆସେ ସେତେବେଳେ ମନୁଷ୍ୟ ସତର୍କ ହୋଇଥାଏ, କିନ୍ତୁ କିଛି ସମୟ ପାଇଁ, ସେହି ସମୟ ଚାଲିଗଲେ ପୁଣି ନିଜର ପୂର୍ବ କାର୍ଯ୍ୟକଳାପରେ ମାତି ଯାଇଥାଏ । ଶେଷରେ ଜୀବନର ଶେଷପର୍ଯ୍ୟାୟରେ ଅନୁତାପର ଅଗ୍ନିରେ ପୋଡ଼ିହୋଇ ଯନ୍ତ୍ରଣାରେ ଛଟପଟ ହୋଇଥାଏ । ଏମିତି ଏକ ଜୀବନକୁ ନେଇ ଷାଠିଏ ବର୍ଷର ବୃଦ୍ଧ ନରେଶ ବାବୁ ଆଖିରୁ ଲୁହଗଡ଼ାଇ ଚାଲିଥାନ୍ତି । ସବୁକିଛିଥାଇ କିଛି ନଥିବାର ଅନୁଭବ କରନ୍ତି । ପୁଅ, ବୋହୂ, ନାତି, ନାତୁଣୀଙ୍କ ହସର ଶବ୍ଦରେ ଘର ଫାଟି ପଡୁଥାଏ । ମନେହୁଏ ସବୁକିଛି ହାତପାହାନ୍ତାରେ ପାଇଯାଇଛନ୍ତି । ଗୋଟିଏ ଘରେ ସୁଖ ଓ ଦୁଃଖ ବୋଧହୁଏ ବାଣ୍ଟିହୋଇ ରହିଥାଏ । ଘରର ସମସ୍ତ ସଭ୍ୟ ତାଙ୍କୁ ଆଡ ଆଖିରେ ଚାହାନ୍ତିନି । କେବଳ ଚାକରାଣୀ ସମୟ ଅନୁସାରେ ଖାଇବାକୁ ଗଣେଦେଇ ଚାଲିଯାଏ । ତାହା ମଧ ସ୍ନେହରେ ନୁହେଁ କର୍ତ୍ତବ୍ୟାନୁସାରେ । ଏ ସମସ୍ତ ଘଟଣା ତାଙ୍କୁ ଭାରି ଦୁଃଖଲାଗେ । କ'ଣ ବା କରିବେ ? ଥୁଣ୍ଟାଗଛ ଓ ବୃଦ୍ଧ ବ୍ୟକ୍ତି ମଧରେ କ'ଣ ବା ତଫାତ୍ ? ପକ୍ଷୀମାନେ ପତ୍ର, ଫୁଲଭରା ବୃକ୍ଷକୁ ଯେମିତି ଆଦର କରନ୍ତି ଥୁଣ୍ଟାଗଛକୁ ସେମିତି କରନ୍ତିନି । କ'ଣ ବା ଅଛି ସେ ଗଛରେ ! କେବଳ ମୃତ୍ୟୁ ଅପେକ୍ଷାରେ । କେବଳ କେତେଗୁଡିଏ ପକ୍ଷୀମାନଙ୍କର ମଳ ତ୍ୟାଗରେ ଗଛଟାସାରା ଧଳା ହୋଇଯାଇଥାଏ । କିନ୍ତୁ ଗଛ ଓ ମଣିଷ ମଧରେ ଅନେକ ତଫାତ୍ । ଗୋଟିଏ ନିଜ ଅନୁସାରେ କାର୍ଯ୍ୟକରେ ଅନ୍ୟଟି ପ୍ରକୃତିର ନିୟମ ଅନୁସାରେ କାର୍ଯ୍ୟକରେ ।

ଖିଆଲି ମନନେଇ କଲେଜ କ୍ୟାରିଅର ଆରମ୍ଭ କରନ୍ତି ନରେଶ୍। ଯେଉଁ ଶିକ୍ଷକ ପାଠପଢ଼ା ବାବଦରେ କିଛି କୁହନ୍ତି। ତାଙ୍କ ଉପରେ ନରେଶ ରାଗିଉଠେ। ମନେ ମନେ ଚିନ୍ତାକରେ -

—ଏ ମାଷ୍ଟର କ'ଣ ଯାଏ ଆସେ ! ପାଠପଢ଼ାଇବାକୁ ଆସିଛି, ପଢ଼ାଇଯିବ। ଜୀବନକୁ ନେଇ ଏତେ ଅଙ୍କ କଷୁଛି କ'ଣ ? ଭାରି ବାଜେ ମାଷ୍ଟ୍ରଟା !

ଏମିତି ଅନେକ କ୍ରୋଧନେଇ ପାଠପଢ଼ନ୍ତି, କିନ୍ତୁ ଅଧ୍ୟାପକ ଜଣକ ବାରମ୍ବାର ବୁଝାନ୍ତି -

– ଦେଖପିଲେ ! ଜୀବନର ଏହି ଛଅବର୍ଷ ଯଦି କଷ୍ଟ କରିବ ତେବେ ଅବଶିଷ୍ଟ ଜୀବନ ବେଶ୍ ଖୁସିରେ କାଟି ପାରିବ। ନଚେତ୍ ଜୀବନଟା ଭାରିକଷ୍ଟ ହେବ। ସବୁବେଳେ ବାପା, ମା'ଙ୍କ ସମ୍ପତ୍ତି ନଥିବ। ସବୁବେଳେ ବାପା, ମା' ନଥିବେ । ତୁମେ ଘର ସଂସାର କଲେ ତୁମ ପିଲାମାନେ ଆଡ଼ ଆଖିରେ ଚାହିଁବେ ନାହିଁ । ସମସ୍ତେ ଘୃଣା କରିବେ । ସେତେବେଳେ ଯେଉଁ ଦୁଃଖ ଆସିବ। ତାହା କଳନା କରିପାରିବନି।

ଅଧ୍ୟାପକଙ୍କ କଥାଗୁଡ଼ିକ ପ୍ରତି ଖାତିର ନଥାଏ ନରେଶର। ମନେ ମନେ ଚିନ୍ତାକରେ ବହୁତ ଭାଷଣ ଦେଉଛି । ଏ ସମସ୍ତ ଭାବି ନିଜ କାର୍ଯ୍ୟରେ ବ୍ୟସ୍ତହୋଇପଡେ, ପରୀକ୍ଷା ଆସିବାରୁ କିଛି ସମୟ ପଢ଼ି ଅବଶ୍ୟ ପାସ୍ ହୋଇଯାଏ। ଯେମିତି ଅନେକ ପିଲାପାସ୍ କରନ୍ତି। ଏମିତି ଗଡ଼ିଚାଲିଲା ପାଠପଢ଼ା ବି.ଏ. ସି. ପର୍ଯ୍ୟନ୍ତ । ଏହି ସମୟରେ ରେଣୁ କିନ୍ତୁ ପାଖରେ ନଥାଏ । ରେଣୁ ଭଲ ନମ୍ବର ରଖି ଇଞ୍ଜିନିୟରିଂ ପଢ଼େ ସହରରେ । ଭଲପାଇବାର ପୂର୍ଣ୍ଣଛେଦ ପଡିଯାଏ। କିନ୍ତୁ କଲେଜ କ୍ୟାରିଅରରେ ଭଲପାଇବାର ଅଭାବନଥାଏ। ଯେ ଚାହେଁ ତାକୁ ମିଳିଯାଏ, ସେବି ଟାଇମ୍ ପାସ୍। ବର୍ଷ ସରିଗଲେ ଭଲ ପାଇବା ଶେଷ । ଯେମିତି ଟ୍ରେନ୍ ମୁଖ୍ୟ ଷ୍ଟେସନରେ ପହଞ୍ଚିବା ପୂର୍ବରୁ ଅନେକ ପ୍ଲାଟଫର୍ମ ଦେଇଯାଏ, ଠିକ୍ ସେହିପରି କଲେଜ କ୍ୟାରିଅର୍‌ର ଭଲପାଇବା।

ନରେଶ ନିଜର ତୃତୀୟ ଶ୍ରେଣୀର ସାର୍ଟିଫିକେଟ୍ ଧରି ଅନେକ ବାର ଦୌଡ଼ିଛି ଚାକିରୀ ଖଣ୍ଡେ ଆଶାରେ । କିନ୍ତୁ ଯେଉଁଠି ଫାଷ୍ଟକ୍ଲାସ୍ କ୍ୟାରିଅରଧାରୀ ଗଦାଗଦା ସେଠି ଆଜୁ ପଚାରେ କିଏ ? ସେଇଠୁ ଭାବେ କ୍ୟାରିଅର ଓ ଜୀବନର କଥା। ଦୁଃଖରେ ଭାଙ୍ଗିପଡେ, କ'ଣ ବା ଲାଭ ? ସମୟ କ'ଣ ଫେରିଆସିବ ?

ଏମିତି ଚାକିରୀ ପାଇଁ ଅନେକବାର ଦୌଡ଼ି ଦୌଡ଼ି ନୟାନ୍ତ ହୋଇଯାଏ। ଶେଷରେ ବାପା, ମା' ସ୍ଥିର କରନ୍ତି ବିବାହ ବନ୍ଧନରେ ବାନ୍ଧିଦେବା ପାଇଁ। କିନ୍ତୁ ନରେଶ୍ ମନାକରେ । ତଥାପି ବାପା, ମା'ଙ୍କ ହୃଦୟ ସହଜେ ମାନେନି ! ପୁଣି ଏକମାତ୍ର ପୁଅ, କୂଳରକ୍ଷା ହେବ କେମିତି ? ଶେଷରେ ଏକ ଦୋକାନ ଦିଏ ନରେଶ୍। ବିବାହଶେଷ ହୋଇଯାଏ । ସୁନ୍ଦର ତରୁଣୀ ନୀଳିମା ଘରକୁ ଆସନ୍ତି, କିନ୍ତୁ ନରେଶ୍ ମନରେ ଖୁସିନଥାଏ। ଅବିବାହିତ ସମୟରେ ପ୍ରେମ ଏବଂ ବିବାହିତ ସମୟର ଘର ସଂସାର ମଧ୍ୟରେ ଅନେକ ତଫାତ୍। ଯାହାହେଉ ବାଧହୋଇ ସଂସାରରେ ମାତିଯାଏ ନରେଶ୍। ଦୁଇପୁଅର ପିତା ରୂପେ ପରିଚିତ ହୁଅନ୍ତି।

ଛୋଟପିଲାମାନଙ୍କୁ ପାଠପଢ଼ାଇବା ପାଇଁ ଆଜିକାଲି ସ୍କୁଲର ଦରମା ଶୁଣି ନରେଶ୍ ଦବିଯାଏ। କିନ୍ତୁ ତାଙ୍କ ବାପା ନିଜ ନାତି ଦୁହିଁଙ୍କୁ ପାଠ ପଢ଼ାଇବା ପାଇଁ ନିଜ ବ୍ୟାଙ୍କ ଜମାରୁ ଟଙ୍କା ଆଣି ଖର୍ଚ୍ଚ କରନ୍ତି। ଯଦିଓ ଏ ସମସ୍ତ ଦେଖିଲେ ଦୁଃଖ ଲାଗେ, ତଥାପି କରିବେ ବା କ'ଣ ? ପିଲାମାନଙ୍କର ପାଠପଢ଼ା ଆରମ୍ଭ ହୁଏ। ଯଦି ପିଲାମାନେ ଦୁଷ୍ଟ ହୁଅନ୍ତି ନରେଶ୍ ନିଜ ପିତୃତ୍ୱର ଅଧିକାରରେ ଗାଳିଦିଏ ! କିନ୍ତୁ ଥରେ ବଡ଼ପୁଅ ଉତ୍ତ ଦେଲା -

– ବାପା ! ଆପଣ କାହିଁକି ଆମକୁ ଟିକିଏ ଟିକିଏ କଥାରେ ଗାଳିଦେଉଛ । ଆପଣଙ୍କ ପଇସାରେ ଆମେ କ'ଣ ପାଠ ପଢୁଛୁ। ଆମେତ ଆମ ଜେଜେବାପାଙ୍କ ପଇସାରେ ପଢୁଛୁ।

ପୁଅର ଏକଥା ପଦକ ନରେଶଙ୍କୁ ଶକ୍ତ ଜାବୁଡ଼ା ପରି ଲାଗେ । ବନ୍ଦ ହୋଇଯାଏ ପିତୃତ୍ୱ

ପଣିଆ । କାନମୁଣ୍ଡା ଭେଁ ଭେଁ ହୋଇଯାଏ । ଅଙ୍କ କଷି ଚାଲିଥାନ୍ତି ପୂର୍ବ ଜୀବନକୁ ନେଇ । ସବୁଠି କେବଳ ଆସଫଳ । ଆଖିଲୁହ ଆଖିରେ ମାରି ରହିଯାଆନ୍ତି । ପିଲାମାନେ ବଡ଼ହେଲେ, ଚାକିରୀକଲେ, ବାହା ସାହା ହେଲେ, ତାଙ୍କର ପିଲାଛୁଆ ହେଲେ । ସମୟ ଗଡିଗଡ଼ି ବର୍ତ୍ତମାନ ନରେଶ ୬୦ବର୍ଷରେ । ଫେରିଆସନ୍ତି ନିଜ ସମୟକୁ । ଆଖି ଲୁହରେ ଭିଜିଯାଇଥାଏ ପିନ୍ଧିଥିବା କାମିଜ୍ ଖଣ୍ଡକ । ଖୋଜି ବୁଲୁଥାନ୍ତି ନିଜ କଲେଜ କ୍ୟାରିଅରକୁ । ଅପର ଘରୁ ଶୁଣାଯାଉଥାଏ, ନାତି କହୁଥାଏ -

– ବାପା ! ଜେଜେବାପାଙ୍କୁ ଆମ ଖୁସିରେ ସାମିଲ୍ କରୁନ କାହିଁକି ? ସେ ଏକୁଟିଆ ହୋଇ ସେ ପାଖେ ବସିଛନ୍ତି ।

– ଛାଡ୍ ତାଙ୍କ କଥା ! ସେ ହେଉଛନ୍ତି ଜଣେ କୁଳାଙ୍ଗର, ତାଙ୍କର କ'ଣ ଖୁସି ?

– ବାପା ! କୁଳାଙ୍ଗର ମାନେ କ'ଣ ?

– ଏହାର ଅର୍ଥ ହେଉଛି ନିଜ କୁଳ ବା ବଂଶ ପାଇଁ ସେ ହେଉଛନ୍ତି ଅଯୋଗ୍ୟ ।

ବାପା, ପୁଅଙ୍କ କୁଳାଙ୍ଗର ଶବ୍ଦର ଅର୍ଥ ନରେଶଙ୍କୁ ତୀକ୍ଷ୍ମ ଶରାଘାତ ପରି ମନେହେଉଥାଏ । ଭିତରର କୁଳାଙ୍ଗାର ଜୀବନଟି ଛଟପଟ ହେଉଥାଏ । ଖୋଜିବୁଲୁଥାନ୍ତି ପୁଣି ସେହି ଛାତ୍ର ଜୀବନକୁ । ଯାହା ଖୋଜିଲେ କେବଳ ଆକାଶ କୁସୁମ ।

ଓଡ଼ିଆ ଅଧାପକ


VS ACADEMY
(A WAY TO SUCCESS)
FOR +2 & +3 ARTS (ALL SUBJECTS)
& ALSO H.S.C (CLASS VIII TO X)
Where Ordinary Converts into Extraordinary
MATRUMANGALA CAMPUS, TINIKONIA BAGICHA, CUTTACK - 1
CONTACT : 8270602223 , 8328896892

# ତୃତୀୟ ପୁରୁଷ

- ଡଃ. ଓଁକାର ରାଉତ

ବ୍ୟସ୍ତ ଜୀବନକୁ ନେଇ ଅଣନିଶ୍ୱାସୀ ଭାବେ କାର୍ଯ୍ୟ କରୁଥାନ୍ତି ସନ୍ତୋଷ । ସକାଳର ସୂର୍ଯ୍ୟୋଦୟ ଠାରୁ ଆରମ୍ଭ କରି ରାତ୍ରର ଅର୍ଦ୍ଧପ୍ରହର ପର୍ଯ୍ୟନ୍ତ ମେସିନ୍‌ଟିଏ ପାଲଟିଯାଇଥାନ୍ତି । ମେସିନ୍ ନିର୍ଜୀବ ହେଲେ କ'ଣ ହେଲା, ତା'ର ବି ଟିକେ ବିଶ୍ରାମ ଅଛି । କିନ୍ତୁ ସନ୍ତୋଷ ବାବୁଙ୍କର ବିଶ୍ରାମ ନଥାଏ । ବିଶ୍ରାମ ହୀନ ଜୀବନ ତାକୁ ଦେଇଛି ପୁଳାପୁଳା ଟଙ୍କା ଓ କ୍ଷମତା । କ୍ଷମତାରେ ଅନ୍ଧହୋଇ ଅନେକ ଥର ଭୁଲ୍ କରିଛନ୍ତି କିନ୍ତୁ ସେସବୁ ଭୁଲକୁ କେହି ପ୍ରତିବାଦ କରିନାହାଁନ୍ତି । ଭୁଲ୍‌କୁ ଠିକ୍ କିରବା ନିମନ୍ତେ ସେ କଦାପି ଚେଷ୍ଟା କରିନାହାନ୍ତି । ବରଂ ଗୋଟିଏ ଭୁଲ୍‌କୁ ଲୁଚାଇବାକୁ ଯାଇ ଅନେକ ଭୁଲ୍ କରିଚାଲିଥାନ୍ତି । ଭୁଲ୍ ହିଁ ପ୍ରତିବାଦର ସ୍ୱରରରେ ଠିକ୍ ହୁଏ । ଏହି ସର୍ବକାଳୀନ ସତ୍ୟଠାରୁ ସେ ବହୁତ ଦୂରରେ ଥାନ୍ତି । ସମୟେ ସମୟେ ଯଦିକେହି ତାଙ୍କର ଭୁଲ୍‌କୁ ପ୍ରତିବାଦ କରନ୍ତି । ସେ ତା'ଉପରେ ଅଗ୍ନିବର୍ଷି ଗାଳିଦେଇଥାନ୍ତି । ବିଚାର କରନ୍ତି ନାହିଁ ଲୋକଟି ପ୍ରକୃତରେ ମୋର ହିତାକାଂକ୍ଷୀ କି ନାହିଁ ? ଏମିତି ନିଜର ଆତ୍ମବଡ଼ିମା ଓ କ୍ଷମତାଲିପ୍ସୁ ମନୋଭବକୁ ଦୃଢ଼ୀଭୂତ କରି ଜୀନର ୫୦ଟି ବସନ୍ତ ଅତିକ୍ରମ କରିଆସିଛନ୍ତି । ଘରେ ବାହାରେ ସମସ୍ତେ ତାଙ୍କୁ ଭୟ କରନ୍ତି । ବଳଶାଳୀ ବ୍ୟକ୍ତି ଭାବିନୁହେଁ । ବରଂ ଅହମିକାରେ ଅନ୍ଧଭୋଇ ପଡିଥିବା ଅବିବେକୀ ମଣିଷଭାବି । ତାଙ୍କର ପରିବାର କହିଲେ ପତ୍ନୀ ସୁଲଗ୍ନା, ପୁତ୍ର ବୀରଭଦ୍ର ଓ କନ୍ୟା ଶ୍ୱେତପଦ୍ମା ଏବଂ ମୃତ୍ୟୁକୁ ଅପେକ୍ଷା କରିଥିବା ପିତା ହରିଶଙ୍କର । ପରିବାରରେ ସେ କେବେ ନିଜ ହୃଦୟର ସ୍ନେହ ଦେଇନାହାନ୍ତି ବରଂ ଦେଇଛନ୍ତି ପ୍ରତିପୋଷଣ ପାଇଁ କିଛିଅର୍ଥ । ବୃଦ୍ଧ ବାପାଙ୍କୁ କଦାପି ଆଡ ଆଖିରେ ଦେଖନ୍ତି ନାହିଁ । ସବୁବେଳେ ତାଙ୍କ ଉପରେ ଘୃଣାଦୃଷ୍ଟି । ଏମିତି ଏକ ସଂପର୍କ ହୀନ ଜୀବନକୁ ଆପଣେଇ ନେଇଥାନ୍ତି ସନ୍ତୋଷ ବାବୁ । ଘର ଅପେକ୍ଷା ବାହାର ଲୋକମାନଙ୍କର ପ୍ରଶଂସାକୁ ବେଶ୍ ଗୌରବ ମନେକରନ୍ତି । ଯେଉଁ ପ୍ରଶଂସାରେ ଥାଏ ସ୍ୱାର୍ଥ । କ୍ଷଣିକ ପ୍ରଶଂସାରେ ଅନ୍ଧହୋଇ କେଉଁଟା ଠିକ୍ ଓ କେଉଁଟା ଭୁଲ୍ ତାହା ଜାଣିପାରନ୍ତି ନାହିଁ । କିନ୍ତୁ ଆଜିର ବାର୍ଦ୍ଧକ୍ୟରେ ଉପନୀତ ହୋଇ ସେସବୁର ସ୍ମୃତିଚାରଣ କରୁଥାନ୍ତି ଘରର ବାଲ୍‌କୁନିରେ, ନିତାନ୍ତ ଏକାନ୍ତଭାବେ । ସେ ଅନୁଭବ କରୁଥାନ୍ତି ସତେଯେପରି ତାଙ୍କ ଜୀବନର ଏଇ ଯେଉଁ ସବୁ ଅର୍ଥ ଓ କ୍ଷମତା ଯୋଗାଡ କରିବାରେ ଲାଗିଛି ତାହାର ମାନେ କିଛିନାହିଁ । ଠିକ୍ ଏହି ସମୟରେ ସୁଲଗ୍ନା ଆସି କହିଲେ -

– କ'ଣ ଖାଇବନି ? ଡାଇନିଂ ଟେବୁଲ୍‌ପରେ ଖାଇବା ଥୁଆହୋଇଛି । ଖାଇନେଇ ଶୋଇଯିବ । ଆମେ ସମସ୍ତେ ଖାଇସାରିଲୁଣି ।

ସୁଲଗ୍ନା କହିଦେଇ ଚାଲିଗଲେ । ଯେମିତି ଏ କଥାରେ ନଥାଏ ଆତ୍ମିୟତା, କେବଳ ଥାଏ ପତି ପ୍ରତି ପତ୍ନୀର କିଛିଟା କର୍ତ୍ତବ୍ୟ । ସୁଲଗ୍ନାଙ୍କ ଏହି କହିବାକୁ ଶୁଣି ସେ କେବଳ ଏକ ଲକ୍ଷ୍ୟରେ ଚାହିଁ ରହିଥାନ୍ତି ।

ଡାଇନିଂ ଟେବୁଲ୍ ଉପରେ ବସି କିଛି ରୁଟି ଏବଂ ତରକାରି ଖାଉଥାନ୍ତି, ଟେବୁଲ୍ ଚାରିପାଖରେ ପଡ଼ିଥିବା ଚେୟାରଗୁଡ଼ିକ ଫାଙ୍କା ପଡିଥିବାର ଦେଖି ତାଙ୍କର ଖାଇବା ହଠାତ୍ ବନ୍ଦହୋଇଗଲା । ଆଖିରୁ ଦୁଇଟୋପା ଲୁହ ବୋହିଆସିଲା ଓଠ ଉପରେ ନଦିହୋଇଗଲା । ଯେଉଁ ଚେୟାରଗୁଡ଼ିକ ନିଜ ପରିବାରର ହସଖୁସିରେ ଫାଟିପଡୁଥିଲା । କିନ୍ତୁ ଆଜି କାହିଁ ? ସତେଯେପରି ମନେହେଉଥିଲା ନିର୍ଜୀବ ଚେୟାରଗୁଡାକ ଥଟ୍ଟା କରୁଥାନ୍ତି ସୁଶାନ୍ତ ବାବୁଙ୍କୁ । ସେତିକି ଖାଇବା ବନ୍ଦ କରିଦେଇ ବେସିନ୍‌ରେ ଧୋଇହୋଇ ନିଜ ଶୋଇବା ଘରକୁ ଚାଲିଗଲେ । ସେ ଅନୁଭବ କରୁଥାନ୍ତି ଅନ୍ୟଘରେ

ପତ୍ନୀ, ପୁତ୍ର ଓ କନ୍ୟାମାନଙ୍କର ଖୁସିକୁ । ଯେତେ ଚେଷ୍ଟାକରୁଥାନ୍ତି ସୋମନଙ୍କ ଭିତରେ ସାମିଲ୍ ହେବାପାଇଁ କିନ୍ତୁ ନିଜର ଅହମିକା ସେ ସବୁକୁ ବାରଣ କରୁଥାଏ । ଶେଷରେ ନିଜ ଶୋଇବା ଘର କବାଟ ଦେଇ ବେଡ୍‌ରେ ଶୋଇଗଲେ । ନରମ ଗଦି ଓ ଏସିରୁମ୍‌ର ଶୀତଳତା ତାଙ୍କୁ ଯେପରି ଅସ୍ତବ୍ୟସ୍ତ କରିପକାଉଥାଏ । ଶାନ୍ତିରେ ନୁହେଁ ଅଶାନ୍ତିରେ । ରାତିସାରା ଛଟପଟ ହେଉଥାନ୍ତି । ଯେତେ ଚେଷ୍ଟା କରୁଥାନ୍ତି ହୃଦୟର ବ୍ୟାକୁଳତାକୁ ଚାପିବା ପାଇଁ କିନ୍ତୁ ତାହା ତାଙ୍କ ପକ୍ଷରେ ଅସମ୍ଭବ ମନେହେଉଥାଏ । ଶେଷକୁ ନିଶା ଔଷଧ ଖାଇ ଟିକେ ଆରାମରେ ଶୋଇଗଲେ । ଏମିତି ପ୍ରତିଦିନ ଘରକୁ ଆସି ନିଶା ଔଷଧ ଖାଇବା ବ୍ୟତୀତ ଅନ୍ୟକିଛି ଉପାୟ ନଥାଏ । ବାହାରେ ସିନା ନିଜର ଅର୍ଥ ଓ କ୍ଷମତାର ପତିଆରା ଜାହିର୍ କରି ଗର୍ବ ଅନୁଭବ କରୁଥିଲେ ରାଜାଭଳି କଦମ ଚାଲ୍ କରୁଥିଲେ, କିନ୍ତୁ ଘରେ ସେ ସମସ୍ତ ହାର ମାନିଯାଉଥିଲେ । ସେ ଅନୁଭବ କରୁଥାନ୍ତି ପିଲାମାନେ କେମିତି ତାଙ୍କ ଠାରୁ ଦୂରେଇ ଯାଉଛନ୍ତି । ଯେଉଁ ଭକ୍ତି ପିଲାମାନେ ଦିଅନ୍ତି ତାହା ଭକ୍ତିରେ ନହେଁ ଭୟରେ । ବାପା ଡାକରେ ଭରି ରହିଥାଏ ଘୃଣା । ଏମିତି ଭାବିଚାଲିଥାନ୍ତି ନିଜ ପରିବାର ବିଷୟରେ । ଅଫିସ୍ କାମରେ ମନ ଲାଗୁନଥାଏ । କିନ୍ତୁ ମନ ଭିତରର ଅହମିକା ଜାଗିଉଠି ସନ୍ତୋଷ ବାବୁଙ୍କୁ ରାଜା କରିଦିଏ । ସେ ପରିବାରର ସମସ୍ତ କଥା ଭୁଲିଯାଇ ନିମ୍ନସ୍ତ କର୍ମଚାରୀଙ୍କ ଉପରେ ଗାଳି ବର୍ଷଣ କରିଥାନ୍ତି । ନିଜେ ଜଣେ କ୍ଷମତାଶୀଳ ଅଫିସର ଭାବି ଆଦେଶ ଦେଇଚାଲିଥାନ୍ତି । ନିମ୍ନସ୍ତ କର୍ମଚାରୀମାନେ କିଂକର୍ତ୍ତବ୍ୟ ହୋଇ କାମ କରିଚାଲିଥାନ୍ତି । ହୃଦୟ ସହକାରେ ନୁହେଁ ଦାୟିତ୍ୱ ବୋଧତାରେ । ହଠାତ୍ ଜଣେ କର୍ମଚାରୀ କହିଲା –

– ସାର୍ ! ଆପଣ ସବୁ ବେଳେ ଏମିତି ଆମଉପରେ ଗର ଗର ହେଉଛନ୍ତି କାହିଁକି ? ସେହି କଥାଟିକୁ ଟିକେ ଖୁସିରେ କହିଲେ ଆମେ କ'ଣ କରିବୁ ନାହିଁ ।

କର୍ମଚାରୀର କଥାପଦକ ସୁକାନ୍ତବାବୁଙ୍କୁ ଭାରି ବାଧିଥିଲା । ନିଜ ଅହମିକାରେ ଅନ୍ଧହୋଇ ତାକୁ ସସ୍‌ପେଣ୍ଡ୍ କରିଦେଲେ । କର୍ମଚାରୀ ଜଣକ ସେଦିନ ବହୁତ ନେହୁରା ହୋଇଥିଲା, କିନ୍ତୁ ଅହମିକାରେ ଏତେ ଅନ୍ଧହୋଇ ଯାଇଥିଲେ ଯେ, କର୍ମଚାରୀର ଦୁଃଖକୁ ସେ ଭ୍ରୁକ୍ଷେପ କରିନଥିଲେ । ସସ୍‌ପେଣ୍ଡ୍ କରିବାର ଗୌରବକୁ ନେଇ ଘରକୁ ଆସି ଦେଖିଲେ ପତ୍ନୀ ସୁଲଗ୍ନା କୁଆଡେ ଯିବାକୁ ବାହାରିଛନ୍ତି । ସୁକାନ୍ତ ବାବୁ ପଚାରିଲେ –

– କୁଆଡେ ଯିବକି ?

– ଆମେ ସମସ୍ତେ ଟିକେ ବାହାରିଛୁ ମନ୍ଦିର ଦର୍ଶନପାଇଁ ।

ସୁଲଗ୍ନାଙ୍କ ଆମେ ସମସ୍ତେ କଥା ପଦକ ଭିତରେ ସୁଶାନ୍ତ ବାବୁ ଅଲଗା ମନେ ହେଉଥିବାର ଅନୁଭବ କଲେ । ଘରୁ ସମସ୍ତେ ଚାଲିଗଲେ ମନ୍ଦିର ଦର୍ଶନପାଇଁ ? ଏକୁଟିଆ ବେସିନ୍ ଉପରେ ଲାଗିଥିା ଦର୍ପଣକୁ ଚାହିଁ ଥୋକେ ହସିଲେ, ମନେ ହେଉଥଣ, ଏ ହସ ହୃଦୟର ନୁହେଁ, ପ୍ରଳାପର । ମୁହଁକୁ ଭଲଭାବରେ ଧୋଇଦେଇ ଧର୍ମଫ୍ଲାସରୁ ଚା, ଟିକେ ଆଣି ଚେୟାରରେ ବସି ପି ବାକୁ ଲାଗିଲେ । ଚା' ପିଇବା ସମୟରେ ନିଜର ନୂଆକରି ବିବାହ ହୋଇଥିବା କଥା ମନକୁ ଚାଲିଆସିଲା ।

ନୂଆ ନୂଆ ବିବାହ ହୋଇ ସୁଲଗ୍ନାକୁ ନେଇ ବେଶ୍ ଖୁସିରେ ଥିଲେ । ଆନନ୍ଦରେ ଘର ଫାଟିପଡୁଥିଲା । ଯେଉଁଆଡେ ଯାଉଥିଲେ ଦୁହେଁ ମିଶି ଯାଉଥିଲେ । ଗୋଟିଏ ଥାଳିରେ ଖାଇବାର ଯେଉଁମଜା, ସେ ମଜାଟି ବାଦ୍‌ନଥିଲା । ସ୍ୱାମୀ, ସ୍ତ୍ରୀର ଯେଉଁ ଅନାବିଳ ସଂପର୍କ ବେଶ୍ ବାରିହୋଇ ପଡୁଥିଲା । ପିଲାଟିଏ ପାଇଁ ମନ୍ଦିରକୁ ଯାଇ ଭକ୍ତି ସହକାରେ ଗୁଆ ବସାଇଥିଲେ । ପୁଅ ବୀରଭଦ୍ରକୁ ପାଇ ଆହୁରି ଖୁସି ବଢ଼ିଯାଇଥିଲା । ପୁଅର ଖିନେଇ ଖିନେଇ ବାପା ଡାକରେ ସୁକାନ୍ତ ବାବୁଙ୍କ ହୃଦୟ ପୁରି ଉଠୁଥିଲା । ଦିନେ ଦିନେ ଅଫିସରୁ ଶୀଘ୍ର ଆସି ପୁଅକୁ ଗାଡ଼ିରେ ବୁଲାଇନେଇ ବେଶ ଖୁସି ଅନୁଭବ କରୁଥିଲେ । ଅଫିସ୍ ରେଥାଇ ଦିନକୁ ତିନିଚାରିଥର ପୁଅ

ଏବଂ ପତ୍ନୀ ସହିତ ମୋବାଇଲ ଫୋନ୍‌ରେ କଥା ନହେଲେ ଭଲ ଲାଗୁନଥିଲା । ସକାଳୁ ଉଠି ପୁଅ ସହିତ କିଛି ସମୟ ନଖେଳିଲେ ଦିନତମାମ ଦୁଃଖି ହେଉଥିଲେ । ଏମିତି ଭାବୁଭାବୁ ଚା'ଟା ଥଣ୍ଡା ହୋଇଯାଇଥାଏ । ଥଣ୍ଡା ଚା'କୁ ଢ଼କ ଢ଼କ କରି ପିଇଦେଇ ବାଲ୍‌କୁନି ଉପରକୁ ଯାଇ ସନ୍ଧ୍ୟା ସମୟର ଜ୍ୟୋସ୍ନାର ଶୀତଳତାକୁ ମନଭରି ପିଇବାକୁ ଚେଷ୍ଟାକରୁଥାନ୍ତି । କିନ୍ତୁ ସେ ସମସ୍ତ କେମିତି ଅଡୁଆ ମନେହେବାକୁ ଲାଗିଲା ।

ଶେଷରେ ବାଲ୍‌କୁନିରୁ ଚାଲିଆସି ଚେୟାର୍‌ରେ ବସି ଭାବି ଚାଲିଲେ ନିଜର ଅତୀତ ଓ ବର୍ତ୍ତମାନକୁ । ଅତୀତର ସ୍ନେହବୋଳା ଜୀବନ ଓ ବର୍ତ୍ତମାନର ଅହମିକା ଜୀବନ ମଧରେ କେତେ ଯେ ପାର୍ଥକ୍ୟ । ଅତୀତ ମଧରେ ଥିଲା ସ୍ନେହ ଓ ଭକ୍ତି, କିନ୍ତୁ ବର୍ତ୍ତମାନ ମଧରେ ଅଛି କେବଳ ଛଦ୍ମତାର ସ୍ନେହ ଓ ଭକ୍ତି । ମନଭିତରେ ଅହମିକା ଯୁଦ୍ଧ କରି ଚାଲିଥାଏ । ସନ୍ତୋଷ ବାବୁଙ୍କ ପ୍ରତିଟି ଚିନ୍ତାକୁ ଉତ୍ତେଜିତ କରୁଥାଏ । ଠିକ୍ ଏହି ସମୟରେ କବାଟ ଠକ୍ ଠକ୍ ଶବ୍ଦ ଶୁଣି ଖୋଲିବାରୁ ଦେଖିଲେ ନିଜ ପରିବାରକୁ । ସମସ୍ତଙ୍କ ମୁହଁ ଖୁସି, ସନ୍ତୋଷ ବାବୁଙ୍କୁ ଦେଖି ନୀରବ ହୋଇଗଲା । ସେ ଏ ସମସ୍ତ ଦେଖି ନିଜକୁ ଲଜ୍ଜିତ ହେବାକୁ ଲାଗିଲେ । ପରିବାରର ସମସ୍ତେ ଘରଭିତରକୁ ଯାଇ ବେଶ୍ ଖୁସିରେ ଚିତ୍କାର କରୁଥାନ୍ତି । ଘରଭିତରର ସମସ୍ତ ଖୁସି ତାଙ୍କୁ ଅଣନିଃଶ୍ୱାସୀ କରିଦେଇଥାଏ । ନିଜକୁ ସ୍ଥିର କରିପାରୁ ନଥାନ୍ତି । ସନ୍ଧ୍ୟା ସମୟ ଚାଲିଗଲାପରେ ପରିବାର ସମସ୍ତେ ମିଶି ଖାଇବାକୁ ଡାଇନିଂ ଟେବୁଲ୍ ଉପରକୁ ଗଲେ । ଏକୁଟିଆ ନିଜ ଶୋଇବା ଘରେ ବସିଥାନ୍ତି । ଚିନ୍ତାକରୁଥାନ୍ତି ନିଜ ଜୀବନର ପ୍ରତିଟି ପର୍ଯ୍ୟାୟକୁ । ଯେଉଁ ଏକୁଟିଆ ଜୀବନ ହେଉଛି ଅଶାନ୍ତିର ମୂଳସ୍ରୋତ, ଯେଉଁଠି କେବଳ ମିଳିଥାଏ ଆତ୍ମବଡ଼ିମା ଏବଂ ଅହଂକାରର ଅନ୍ଧ ଦିଗନ୍ତ । ସେସବୁରେ କ'ଣ ବା ଲାଭଅଛି ? ବରଂ ସେହ୍ନ ଓ ଭକ୍ତିର ସ୍ରୋତରେ ସାମିଲ୍ କରିଦେଲେ ଜୀବନଟା ବେଶ୍ ଆନନ୍ଦଦାୟକ ହୋଇଉଠିବ । ଏ ସମସ୍ତ ଚିନ୍ତା ସନ୍ତୋଷ ବାବୁଙ୍କ ମନଭିତରେ ବହୁଦିନରୁ ଜମାଟ ବାନ୍ଧିଥିବା ଅହମିକା ପାହାଡକୁ ଚୁର୍‌ମାର କରିଦେଲା । ତେଣୁ ଡାଇନିଂ ଟେବୁଲ୍ ପାଖକୁ ଯାଇ କହିଲେ -

– କ'ଣ ମୋତେ ତୁମ ସହିତ ସାମିଲ୍ କରିବନି !

ଏକଥା ଶୁଣି ପରିବାରର ସମସ୍ତେ ସନ୍ତୋଷବାବୁଙ୍କୁ ଚାହିଁ ରହିଥାନ୍ତି । ସନ୍ତୋଷବାବୁ ଆଖିରୁ ଲୁହଝରାଇ ଚାଲିଥାନ୍ତି, ପତ୍ନୀ ସୁଲଗ୍ନା ମନଭିତରେ ମରିଯାଇଥିବା ପତ୍ନୀତ୍ୱ ହଠାତ୍ ଜାଗ୍ରତ ହୋଇ ସନ୍ତୋଷବାବୁଙ୍କୁ ଜାବୁଡ଼ି ଧରିଥିଲା । ପିଲାମାନେ ଡାଇନିଂ ଚେୟାରରୁ ଉଠିଆସି ପିତାଙ୍କୁ ଜାବୁଡ଼ି ଧରିଲେ । ପୁଅ ବୀରଭଦ୍ର ଏ ସମୟରେ କହିଲେ -

– ବାପା ! ମୋତେ ଗାଡ଼ିରେ ବୁଲେଇ ନେବନି !

ପୁଅର ଏକଥାଶୁଣି ସନ୍ତୋଷବାବୁ ହଠାତ୍ ଗାଡ଼ି ଷ୍ଟାର୍ଟ କଲେ । ପିତା ହରିଶଙ୍କର ବାବୁ ଏସମସ୍ତ ଦେଖି କହିଲେ,

– ରାତି ୧୧ ହେଲାଣି ! ସକାଳହେଲେ ବୁଲାଇଆଣିବ । ବୀରଭଦ୍ର ତ ଆଉ ଛୋଟ ଛୁଆନୁହେଁ । ସେ ପରା ୨୫ ବର୍ଷର ।

ଅଧ୍ୟାପକ, ରେଭେନ୍ସା ମହାବିଦ୍ୟାଳୟ

# ଉଆଁସୀ କନ୍ୟା

-ମହେନ୍ଦ୍ର ବିଶ୍ୱାଳ

"ତୁମେ ବ୍ୟସ୍ତ ହୁଅନା କାମିନୀ ! ଦେଖିବ ରାଜୀବର କିଛି ହେବନି । ଏମିତି ଥଣ୍ଡା, କାଶ ସାଧାରଣ କଥା । ଅଧିକ ଟିକେ ଥଣ୍ଡା ଜ୍ୱର ହୋଇଯାଇଛି,ତେଣୁ ବାଉଳେଇ ହେଉଛି । କିଛି ସମୟ ପରେ ସବୁ ଠିକ୍ ହୋଇଯିବ ।" - ଗଣେଶର ଏଭଳି ସାନ୍ତ୍ୱନା କାମିନୀ ମନରେ ସୃଷ୍ଟି - ହୋଇଥିବା ଭୟକୁ ଦୂର କରି ପାରୁନି । କାମିନୀ କାନ୍ଦିବାକୁ ଲାଗିଲା । ପୁଣି ଗଣେଶ ବୁଝାଇଲା - ତୁମେ ପାଠପଢ଼ିଚ । ଏ ଭଳି କ'ଣ ଭୟ କରୁଛ ?

– ତୁମେ ଜାଣିନ ଗଣେଶ ମୋ ମନରେ ଯେଉଁ ଭୟ, ତାହା ସହିତ ପାଠପଢ଼ାର କୌଣସି ସମ୍ପର୍କ ନାହିଁ ।

– ଧେତ୍ ତୁମକୁ କିଏ ବୁଝାଇବ ? ଠିକ୍ ଅଛି ମୁଁ ଡାକ୍ତର ଲେଖିଥିବା ଔଷଧ ନେଇଆସୁଛି । ତୁମେ ରାଜୀବର ମୁଣ୍ଡଟିକେ ଚିପିଦେଉଥା !

ଗଣେଶ ଔଷଧ ପାଇଁ ଚାଲିଯିବା ପରେ, କାମିନୀ ରାଜୀବର ମୁଣ୍ଡ ଚିପିଦେଉଥାଏ । ରାଜୀବର କିନ୍ତୁ ହୋସ୍ ଆସୁ ନଥାଏ । ଯଦି ବେଳେ ବେଳେ ହୋସ୍ ଆସୁଥାଏ, ଖାଲି ବିଳି ବିଳି ହୋଇ ଏଣୁ ତେଣୁ କ'ଣ ଗୁଡ଼େ ଗପୁଥାଏ ।

– କିଏ ?

– ରାଜୀବ ! ମୁଁ ବସିଛି ! ତୁମ କାମିନୀ ।

– କାମିନୀ ! ତୁ କିଏ ? ମୁଁ ତ' ଚିହ୍ନିନି !

– ମୁଁ ଏଠି କ'ଣ ? ମୋ' ଘର କେଉଁଠି ?

ରାଜୀବର ଏଭଳି ବାଉଳି ହେବା ଦେଖି କାମିନୀ ଅଧିକ ବ୍ୟସ୍ତ ହୋଇପଡ଼ିଲା । ତା' ମନରେ ଭାସିଆସୁଥାଏ ଅତୀତର ସେହି ଦୁଃଖଦ କାହାଣୀ । ସେଦିନ ଥିଲା ଅମାବାସ୍ୟାର ଅନ୍ଧକାର, ଚାରିଆଡେ ଅନ୍ଧାର ବିଳି ବିଳି । ଦୁଇହାତ ଦୂରରେ କିଏ ଠିଆ ହୋଇଛି ଦେଖିବା କଷ୍ଟ । ଗାଆଁ ଟା ଶୂନ୍‌ଶାନ । ତୁହାକୁ ତୁହା ଭେରେଣ୍ଡା ବିଲୁଆଟା ରଡ଼ିକରି ଚାଲିଥାଏ, ଅଲକ୍ଷଣିଆ ପେଚାଟା ମଧ ଏ ସମୟରେ ରାବିବାକୁ ଲାଗିଲା । ଘରଟା ବନ୍ଦ ଥାଏ । ତାଲା ପଡ଼ିଥିବାର ଦେଖି କାମିନୀ ଘର ବାରଣ୍ଡାରେ ବସି ରହିଲା । ଗାଆଁ ପାଖରେ ଥିବା ଛୋଟ ସହରର ହଷ୍ଟେଲରେ ରହି ପଢ଼େ କାମିନୀ । ଛୁଟି ହେବାରୁ ଘରକୁ ଆସିଛି । ଦୂରରୁ କିଛି ଲୋକ ଆସୁଥିବାର ଦେଖାଗଲା । ଆଗରେ କେହି ଜଣେ ନିଆଁ ଲୁଣ୍ଡାଧରି ଆସୁଥାଏ । କ୍ରମଶଃ ନିକଟତର ହେବାରୁ ଦେଖାଗଲା ଗୋଟିଏ ଶବ ।

'ରାମନାମ୍ ସତ୍ୟ ହେ, ହରିନାମ୍ ସତ୍ୟ ହେ !' କହି କହି ଲୋକମାନେ ଆଗକୁ ଆଗକୁ ମାଡ଼ିଆସୁଥାନ୍ତି । କାମିନୀ ଦେଖି ଭୟରେ ଶଙ୍କିଗଲା ।

– ଏ କ'ଣ ଗାଆଁରେ ଏବେ ତ କେହି ବୁଢ଼ା ବୁଢ଼ୀ ନଥିଲେ ! ମଲା କିଏ ?

ଏ ସମୟରେ ଦେଖେ, ଜଣେ ସ୍ତ୍ରୀଲୋକ ଛାତି ଫଟାଇ କାନ୍ଦି କାନ୍ଦି ଆସୁଥାଏ । କାମିନୀ ଦେଖେ ତ ସେ ଆଉ କେହି ନୁହେଁ, ତା'ର ବଡ଼ଭଉଣୀ ଗାୟତ୍ରୀ । ସେ ଧରିଥିବା ବହି ବ୍ୟାଗକୁ ଦୂରକୁ ଫିଙ୍ଗିଦେଇ ଗାୟତ୍ରୀ ପାଖକୁ ଦୌଡ଼ିଗଲା । ସାମାନ୍ୟ ଆଲୋକରେ ବାରି ହେଉଥାଏ, ତା' ମା' ବାପା ଓ ସାନଭଉଣୀ ନିରୁ । ସମସ୍ତେ କାନ୍ଦୁଥାନ୍ତି । ଶବ ଚାଲିଗଲା, ମା'ନିରୁ, ଗାୟତ୍ରୀ ଏବଂ କାମିନୀ ଘର ପାଖରେ ରହିଗଲେ । କାମିନୀ, ଗାୟତ୍ରୀକୁ ଯେତେ ବୁଝାଇଲେ ବି ବୁଝୁ ନଥାଏ ।

– ମୋ ସଂସାର ଭାସିଗଲାଲୋ କାମିନୀ ! ମୁଁ କେମିତି ବଞ୍ଚିବି ? ମୋତେ ସାହା ହେବ କିଏ ?

କାମିନୀ ସେତେବେଳକୁ ନିଜ ଅଲକ୍ଷ୍ୟରେ

ଅସରାଏ କାନ୍ଦିସାରିଲାଣି । ଏ ସମୟରେ ଲାଇନ୍ ଚାଲିଆସିଲା । ଭେରଣ୍ଡା ବିଲୁଆ ଓ ପେଚାର ରଡ଼ି ବନ୍ଦ ହୋଇଯାଇଥାଏ । କିଛି ଦୂରରୁ ଦେଖାଗଲା ଗାୟତ୍ରୀର ବୁଢ଼ୀଶାଶୂ ବାଡ଼ିଟିଏ ଧରି ତାଙ୍କ ଘର ଆଡକୁ ଆସୁଥାଏ । ତାଙ୍କ ସହ ଗାଆଁର କିଛି ମାଇପି ମଧ୍ୟ ଆସୁଥାଆନ୍ତି । ଘର ପାଖାପାଖି ହୋଇଗଲା । ଗାୟତ୍ରୀ ଶାଶୁ ଚିତ୍କାର କଲେ ।

– ଆ'ଲୋ ଅଲକ୍ଷଣୀ ! ମୋ କୁଅକୁ ତ' ଖାଇଲୁ ! ଆଉ କ'ଣ ଅଛି ଯେ ଖାଇବୁ । ଗୋଟାଏ ବୋଲି ପୁଅ । ମୁଁ ମନାକରୁଥିଲି ଏ ଉଆଁସୀକୁ ବାହା ଦେବାନି, ମୋ କଥା କ'ଣ ମାନିଲେ । ତା' ବାପା କହିଲେ ସୁନ୍ଦର ଝିଅଟା, ଲକ୍ଷ୍ମୀପରି ଦେଖାଯାଉଛି । ପୋଡ଼ିଯାଉଥାଏ ତା' ସୁନ୍ଦର; ବୁଢ଼ା ତ ମଲାଣି, ଶେଷରେ ମୋତେ ହଇରାଣ କରିଗଲା । ମୋ ଭାଗ୍ୟରେ ଭେଣ୍ଡା ପୁଅର ମରଣ ଦେଖିବାର ଥିଲା । ଏ ଗାୟତ୍ରୀ ! ଆସୁନୁ ବିଧବା ହେବୁ ।

ଗାୟତ୍ରୀ ବିଚରା ସବୁକିଛି ଶୁଣି ପଥର ପାଲଟି ଯାଇଥାଏ, ତାକୁ ସ୍ତ୍ରୀଲୋକମାନେ ଭିଡ଼ି ଭିଡ଼ି ନେଇଗଲେ, ତା" ଆଖିରେ ଲୁହ ନ ଥାଏ । ଏ ସମସ୍ତ ଦେଖି କାମିନୀ ହତବାକ୍ ହୋଇଯାଇଥାଏ । ତା' ଅପାର ଦୋଷ କ'ଣ ? ସେ କ'ଣ ଉଆଁସୀ ହୋଇ ଜନ୍ମହେବାକୁ ଚାହିଁଥିଲା ? ଯାହା ଭାଗ୍ୟରେଥିଲା ଘଟିଲା ।

ତା' ପରେ ଗାୟତ୍ରୀର ବିଧବା ରୂପ ଦେଖି ପରିବାରର ସମସ୍ତେ କାନ୍ଦିବାକୁ ଲାଗିଲେ । ଘରେ ଖିଆପିଆ ନ ଥାଏ, ଗାୟତ୍ରୀ ଘରର ଗୋଟିଏ କୋଣରେ କତରାଲଗା ପ୍ରାୟ ପଡ଼ିରହିଥାଏ । ଗାଆଁର ସବୁ ମାଇପିଙ୍କ ଗାଧିଆ ତୁଠରେ କେବଳ ଏ ବିଷୟରେ ଚର୍ଚ୍ଚା ।

– ଆଲୋ ହେ ଶୁଣୁଛ ! ତା'ର କ'ଣ ଗୋଟାଏ ଝିଅ ଉଆଁସୀ । ତିନିଟା ଯାକବା । ଛି ଛି କି ଅଲକ୍ଷଣୀ ଟା ମ । ଝିଅଗୁଡ଼ାକୁ କିଏ ବାହାହେବଲୋ ମା' ! ଯିଏ ବାହାହେବେ ସେ ତ ମରିବ । ବରଂ ଝିଅଗୁଡ଼ାକୁ ବାହା ନ ଦେଇ ଓଥରୀ ରଖିବା ଭଲ । ନ ହେଲେ କାହା ପୁଅକୁ ଖାଇବେ ।

ଗାଆଁ ମାଇପିଙ୍କ କଥା ଶୁଣି କାମିନୀ ନିଜ ଭବିଷ୍ୟତ କଥା ଚିନ୍ତା କରିବା ସହ ସାନ ଭଉଣୀ ନିରୁ ଆଡ଼କୁ ଚାହିଁଥାଏ, ଦୁହିଁଙ୍କ ଭବିଷ୍ୟତ ଗୋଟିଏ ସୂତ୍ରରେ ବନ୍ଧା । କେବେ ଯଦି ଏ ଗାଆଁ ଲୋକମାନଙ୍କର ଅନ୍ଧବିଶ୍ୱାସ । ତା' ଭିଣୋଇ ଭାଇର ତ ହାର୍ଟଷ୍ଟ୍ରୋକ୍ ହେଲା । ସେଥିରେ ତା' ଅପାର ଦୋଷ କ'ଣ ? କାମିନୀ ଏ ସମସ୍ତ ଭାବୁ ଭାବୁ ସ୍ଥିର କଲା ଯଦି ଏହା ସତ୍ୟ ତେବେ ସେ କଦାପି ବିବାହ ହେବନି । କିନ୍ତୁ ରାଜୀବର ବାଧବାଧକତାରେ ସେ ରାଜିହୋଇଯାଇଥିଲା

ରାଜୀବ ଓ କାମିନୀ ଗୋଟିଏ କ୍ଲାସରୁ ଛୋଟ ବେଳୁ ପଢ଼ିଆସୁଛନ୍ତି । କାମିନୀ ଓ ରାଜୀବ ବି.ଏ.ପାସ୍ କରିଛନ୍ତି । ଇଣ୍ଟରଭ୍ୟୁରେ ସଫଳତା ଲାଭ କରି ରାଜୀବ ସରକାରୀ ତହସିଲରେ କିରାଣି ଚାକିରି ପାଇଥିଲେ । ପୂର୍ବରୁ ଯଦିଓ ରାଜୀବର କାମିନୀ ପ୍ରତି ଟିକେ ଦୁର୍ବଳତା ଥିଲା, କିନ୍ତୁ ଗୋଟିଏ ଇଣ୍ଟରଭ୍ୟୁରେ ଦୁହେଁ ସହରକୁ ଯାଇଥିଲେ । ସେଠି ଉଭୟଙ୍କ ମଧ୍ୟରେ ସମ୍ପର୍କ ନିବିଡ଼ ହୋଇଥିଲା । କାମିନୀ କିନ୍ତୁ ସଫା ସଫା ମନା କରିଦେଇଥିଲା ।

– ଦେଖ ରାଜୀବ ! ଏ ସମ୍ପର୍କ ଏମିତି ବନ୍ଧୁତା ଭିତରେ ରହୁ । ଆଗକୁ ନିଅନା, କାରଣ ତୁମେ ଜାଣିନ, ମୁଁ ଉଆଁସୀ କନ୍ୟା ।

ଏ କଥା ଶୁଣି ସେ ଦିନ ରାଜୀବ ଥୋକେ ହସିବାକୁ ଲାଗିଲା ।

– ବୁଝିଲ କାମିନୀ, ତମେ ଗାଆଁ ଲୋକଙ୍କ ଭଳି ଅନ୍ଧବିଶ୍ୱାସକୁ କିଭଳି ପ୍ରଶୟ ଦେଉଛ । ଆମେ ପାଠ ପଢ଼ିଛେ । ଉଆଁସୀ କନ୍ୟା କ'ଣ ?

– ଦେଖ ରାଜୀବ ! ମୁଁ ତୁମକୁ ମନା କରୁଛି । ତୁମେତ ଜାଣ ମୋ ବଡ଼ ଭଉଣୀ ଉଆଁସୀଥିବାରୁ ତାର ସ୍ୱାମୀ ମରିଗଲା ।

– ଆରେ ଦେଖ ତାଙ୍କର ହାଟ୍‌ଷ୍ଟ୍ରୋକ ହୋଇଥିଲା । ସେ ମରିଗଲେ । ତା ପରେ ଦେଖ କାମିନୀ । ମୃତ୍ୟୁ ଚିରଧ୍ରୁବ, ତୁମେ ମୃତ୍ୟୁକ ଭୟ କରୁଛ

କ'ଣ ? ତୁମେ ମନା କରନା । ମୁଁ କାଲି ମୋ ବାପାଙ୍କୁ ଏ ବିଷୟରେ କହୁଛି । ସେ ତୁମ ଘରକୁ ଯିବେ । ପ୍ରସ୍ତାବଟା ପକାଇ ତୁମ ବାପାଙ୍କ ଠାରୁ ଶେଷ ନିଷ୍ପତ୍ତି ନେଇ ଆସିଲେ, ତୁମେ ମୋର ସବୁଦିନ ପାଇଁ ହୋଇଯିବ ।

ତ' ପରେ ବହୁ ବାଧା ବିଘ୍ନ ସତ୍ତ୍ୱେ କମିନୀ ଓ ରାଜୀବର ବିବାହ ସ୍ଥିର ହୋଇଥିଲା । ବିବାହ ବେଦୀରେ ମଧ କାମିନୀର ଲୁଗାକାନି ହୋମ ନିଆଁରେ ଲାଗିଯିବାରୁ ସମସ୍ତେ ଆଶ୍ଚର୍ଯ୍ୟ ହୋଇଯାଇଥିଲେ । ବେଦୀ ପାଖରେ ବସିଥିବା ଲୋକମାନେ ଟୁପୁରୁ ଟାପୁର ହୋଇ କହୁଥାନ୍ତି - ହବନି ! ଯେତେବେଳେ ଉଆଁସୀ କନ୍ୟା । ଆଜିକାଲି ଛୁଆଗୁଡ଼ାକ ଟିକେ ପାଠପଢ଼ି ଦେଲେ ବୋଲି କ'ଣ ଇନ୍ଦ୍ର ଚନ୍ଦ୍ର ମାନୁଛନ୍ତି ! ଏ ଘଟଣା ତ ଅଶୁଭ ସଙ୍କେତ ।

ବେଦୀ ଉପରେ ବସିଥିବା କାମିନୀ ଏକଥା ଶୁଣି ଓଢ଼ଣା ତଳେ ନୀରବତାର ସହ କିଛି ସମୟପାଇଁ ଲୁହ ଢ଼ାଳିବାକୁ ଲାଗିଥିଲା । ଏମିତି ଭାବନା ରାଜ୍ୟରେ ବସିଥିବା ସମୟରେ ଗଣେଶ ଆସି କାମିନୀକୁ କହିଲେ -

କ'ଣ କାମିନୀ ! ରାଜୀବର ମୁଣ୍ଡ ଚିପୁଛ ନା; କବି ପାଲଟି ଯାଇଛ ।

– ଆରେ ନା ! ଏମିତି ବସିପଡ଼ିଥିଲି ।

– ହଉ ନିଅ ! ରାଜୀବକୁ ଔଷଧ ଖୁଆଇଦିଅ । ଡାକ୍ତରଙ୍କୁ ପଚାରୁଥିଲି, ସେ କହିଲେ କିଛି ନୁହେଁ; ଟିକେ ଜ୍ୱରର ମାତ୍ର ବଢ଼ିଯାଇଛି । ରକ୍ତ ପରୀକ୍ଷା ରିପୋର୍ଟ ଆଜି ରାତିରେ ଆସିଯିବ । ଯଦି ମ୍ୟାଲେରିଆ ହୋଇଥିବା, ଆଉ ଦିନେ ଟ୍ରିଟ୍‌ମେଣ୍ଟ ହୋଇକି ଯିବା ।

କାମିନୀ ଟିକେ ଆଶ୍ୱସ୍ତି ଲାଭ କଲା । ରାଜୀବ୍‌କୁ ଔଷଧ ଦେଇସାରି, ଟିକେ ନିଦ ଆସିଛି କି ନାହିଁ, ରାଜୀବ୍‌ର ଧୀର ଡାକରେ କାମିନୀର ନିଦ ଭାଙ୍ଗିଗଲା ।

– କମିନୀ ଶୋଇଗଲ କି ?

– ନାଁ ଏମିତି ଛାଇନିଦ ଟିକେ ଲାଗିଯାଇଥିଲା !

– ମୋ ପାଇଁ ଦୁଇ ତିନି ରାତ୍ରି ଅନିଦ୍ରା ହେଲଣି । ମୁଁ ତୁମକୁ ଖୁସି ଦେବି କ'ଣ ? ଖାଲି ଯନ୍ତ୍ରଣା ଦେଉଛି ।

– ଛି ! ତୁମେ ଏମିତି କ'ଣ କହୁଛ ? ତୁମେ କହୁଥିଲ ନା ମୁଁ ତୁମର ଅର୍ଦ୍ଧାଙ୍ଗିଣୀ ।

ଏମିତି କାମିନୀ ଓ ରାଜୀବ କଥା ହେଉଥାଆନ୍ତି, ମନେ ହେଉଥାଏ ବହୁଦିନରୁ ମରିଯାଇଥିବା ହସ ଟିକକ କାମିନୀ ମୁହଁରେ ଫୁଟି ଉଠୁଥିବାର । ଉଭୟ ଉଭୟଙ୍କୁ ଚାହି ରହିଥାଆନ୍ତି । ଏ ସମୟରେ ଗଣେଶ ବ୍ଲଡ୍ - ରିପୋର୍ଟ ଟା ଆଣି ଥମ୍ କିନା କାମିନୀ ପାଖରେ ବସି ପଡ଼ିଲା । କାମିନୀ, ଗଣେଶକୁ ବ୍ଲଡ୍ ରିପୋର୍ଟ କଥା ପଚାରିବାରୁ ଗଣେଶ ନୀରବ ହୋଇରହିଥାଏ । ହଠାତ୍ ବାହାରେ ଏକ କୁକୁର ରଡ଼ି କରିବା ସହ ଭେରଣ୍ଡା ବିଲୁଆଟା ରଡ଼ିକରିବାକୁ ଲାଗିଲା । ଗଣେଶର ନୀରବତା କାମିନୀକୁ କହିଦେଉଥାଏ ଉଆଁସୀ କନ୍ୟାର ଭବିଷ୍ୟତ କ'ଣ ?

ଗଣିତ ଅଧ୍ୟାପକ



IBMS No.1 INSTITUTE
IBM'S
SINCE-2005
BANK
PO/CLERK
SSC
+2/GRADUATE
RLY
Tech./Non Tech.
OAS
BED
CALCULATE 763X592 IN SECONDS
Charge your Brain
With the power of VEDIC MATHS.
Free Registration For the
MATHS (QA) SPEED TECHNIQUE WORK SHOP
AT Our Badambari Branch
By Praharaj Sir .Con:0671-6540190
0671-6540190 M-9238500190
Register Your Name For Free Class
All India Topper
Lopa Mudra Mohanty
EXCLUSIVE FEATURES
COMPLETE SIGN-UP SYSTEMS
ENTRY BY 20 MINUTE PRE INTERVIEW & FREE CLASSES.
WITH YOU SCORING OF 65%
STUDENT FORUM CLASSES
COMMON TEST STARTS FROM THE DATE OF ENTRY WITH COMPLETE EXPLANATION.
101 SPEED TEST
25 COMMON TEST
25 COMPLETE TEST &
IT CONTINUES TILL
YOU SCORE 65%
"I Get 6 job in 7 Month" Joined IOB PO. Calcutta.
Ankita Bhawani
Indian Overseas Bank PO
NARESH BARIK
VIJAYA BANK PO
Ruchi Smita Behera
Corporation Bank
Sandeep Mohanty
Bank Of India PO
Binayak Sahoo
Rank-8(MBA KIIT).
Debendra Bal
Gen Bed Rank -80
Srikant Behera(SBI CBI Clerk)
Loka Nath BeheraE.O & (SBI CLERK)
IBM'S
CHANDI CHHAK & PALAMANDAP(Near Barabati Gas)CTC



CBSE XII
2018 RESULT
ROUT CLASSES
For Mathematics
98
100
Sidhartha
96
100
Amit Pradhan
95
100
94
100
Nita Mohapatra
91
100
90
100
89
100
Bidyut
89
100
Namrata Jena
83
100
& many more.....
ROUT CLASSES
94384 09975 / 97763 55340
94384 09975
routclasses@gmail.com
www.routclasses.com
Sector-6, CDA (Cuttack), Sailashree Vihar,
VSS Nagar, BJB Nagar, Bomikhal (BBSR)

## ନୂତନ ସୂର୍ଯ୍ୟାଲୋକର ଆହ୍ୱାନ

# ପ୍ରାଚୀ

ଉଦୟ ହେବରେ ନୂତନ ସୂର୍ଯ୍ୟ
ଲୋହିତ ହେଲାଣି ପ୍ରାଚୀ
ଏଇ ପ୍ରଭାତରେ ଗାଣ୍ଡୀବ ତୋର
ତୋଳରେ ସବ୍ୟସାଚୀ !
ପରାଧୀନତାର ଯେଉଁ ଅନ୍ଧାର
ଘୋଟିଥିଲା ଆଜିଯାଏ,
ସେହି ଅନ୍ଧାର ବକ୍ଷ ବିଦାରି
ମୁକ୍ତିର - ରାତି ପାହେ ।
ଉଜାଡ଼ି ନଦେଲେ ସ୍ୱାର୍ଥକୁ ତୋର
ସଜାଡ଼ି ହେବନି ଦେଶ,
ନାଚରେ ନାଚ ତାଣ୍ଡବ ଆଜି
ଧରରେ ରୁଦ୍ର ବେଶ ।
ନୂତନ ବିଶ୍ୱ ଭଗୀରଥ ତୁମେ
ଆଣରେ ମନ୍ଦାକିନୀ,
"ଜାଗରେ ନବୀନ ତରୁଣ" ଇଏ -
ପ୍ରାଚୀର ଉଦ୍‌ବୋଧନୀ ।
ଗଣତନ୍ତ୍ରର ଛାତତଳେ ଚାଲେ
ପୁଞ୍ଜିବାଦର ରାଜ୍,
ଭୋକୀ ଜନତାର ସମାଧି ଉପରେ
ଆଧିପତ୍ୟର ତାଜ୍ ।
କାହାର ବିକାଶ ? କାହାର ପ୍ରଗତି ?
କାହାର ଏ ଉତ୍‌ଥାନ ?
କାହାପାଇଁ ଏଇ କଳ-କାରଖାନା
କାପାଇଁ ଉତ୍ପାଦନ ?
ମାଟିର ମଣିଷ ମାଟିରେ ପଡ଼ିଛି
ଉଦରେ ଭରିଛି ଭୋକ,
କାହିଁକି ବାଜିଲା ବୁକୁରେ ପାଷାଣ
କିଏ ଦେଲା ତାକୁ ଶୋକ ?
କୋକିଳ କଣ୍ଠୁ କୁହୁ ଶୁଭୁନାହିଁ
କୁସୁମରେ ନାହିଁ ବାସ,
ମାୟା-ମରୀଚିକା-ଅଗ୍ନିଗର୍ଭେ
ମଣିଷ ଦେଉଛି ଝାସ ।
ଧର୍ମ ନାମରେ ସାମ୍ପ୍ରଦାୟିକ-
ବାଦ କରେ ଷଡ଼ଯନ୍ତ୍ର,
ମଣିଷ ପଢୁଛି ମଣିଷର ପାଇଁ
ମଣିଷ-ମାରିବା-ମନ୍ତ୍ର ।
କାହିଁକି ଶୁଖିଛି ଧରଣୀର ମୁଖ
ପଚାରେ ଆଜି 'ପ୍ରାଚୀ' ?
ଉତ୍ତର ଦିଅ ଉତ୍ତର ଦିଅ,
ଆଜି ଏ ପ୍ରଶ୍ନବାଚୀ ?
ମତ୍ତବାରଣ - ଚିତ୍ତରେ ଆଜି
ପଟୁଆର ତୋର ସଜା,
ଅତ୍ୟାଚାରୀର ଗଳା କାଟିବାକୁ
ହତିଆର ତୋର ପଜା ।
ତୋ' ଭିତରର କ୍ରାନ୍ତି ଚେତନା
ହେଉ ଆଜି ପ୍ରତିଭାତ,
ଆସୁ ପଛେ ଯେତେ ଝଞ୍ଜା, ତୋଫାନ
ଆସୁ ଯେତେ ପ୍ରତିଘାତ ।
ଜନମ ନେଇଛ ମରିବାକୁ ହେବ
ଦିନେ ଏଇ ଦୁନିଆରେ
ମରିବା ଆଗରୁ ପ୍ରାଚୀର ସ୍ରୋତରେ
ମିଶିଯାଅ ଆସି ଥରେ ।
ଜାଗରେ ସବ୍ୟସାଚୀ !
ନୂଆବିଶ୍ୱର ଅଭିଷେକ ହେବ
ଘୋଷଣା କଲାଣି 'ପ୍ରାଚୀ'

ସମ୍ପାଦକ : ଡକ୍ଟର ବିଭୁଦତ୍ତ ଖଣ୍ଡାୟତରାୟ